







# ପୁରାଣ କାହାଣୀ

## ଅଂହକାରରୂପୀ ସାପ



ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଈଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଈ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଈ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ଼ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରତମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ଼୍‌ମଂଟ ଅଂଚଳରେ ପାହାନ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟୋନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି




ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।



# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା



ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତଫ୍ରି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ସପ୍ତମ ଓଲାଶୁଣୀ ଗୁମ୍ଫା ମହୋତ୍ସବ ଉଦ୍‌ଘାଟିତ

ବାଲିଚନ୍ଦ୍ରପୁର (ପିଏନ୍): ଭାରତବର୍ଷର ଧର୍ମୀୟ ଭାବନା ଓ ଚିନ୍ତନ ଭିତରେ ସମାନତା ଆଣିବାରେ ଅଷ୍ଟାଦଶ ଶତାବ୍ଦୀର ସନ୍ଥସାଧକ ଅରକ୍ଷିତ ଦାସଙ୍କ ଅବଦାନ ଥିଲା ସ୍ମରଣୀୟ ବୋଲି କହିଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି। ଓଲାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସ ଓ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ସୋମବାର ଦିନ ଓଡ଼ିଶାର ସୁପ୍ରସିଦ୍ଧ ଧର୍ମ ଓ ସଂସ୍କୃତିପୀଠ ଓଲାଶୁଣୀ ଗୁମ୍ଫାଠାରେ ମହାନ



ସନ୍ଥ ଅରକ୍ଷିତ ଦାସଙ୍କ ବ୍ରହ୍ମଲୀନ ଦିବସରେ ସପ୍ତମ ଓଲାଶୁଣୀ ଗୁମ୍ଫା ମହୋତ୍ସବ ଭବ୍ୟ କାର୍ଯ୍ୟକ୍ରମ ସହିତ ଉଦ୍‌ଘାଟିତ ହୋଇଯାଇଛି।

ଅନନ୍ତ ଗୁମ୍ଫା ବଡ଼ଦାଣ୍ଡସ୍ଥିତ ଓଲାଶୁଣୀ ମଣ୍ଡପଠାରେ ଆୟୋଜିତ ଉତ୍ସବକୁ ବିଶିଷ୍ଟ ସନ୍ଥ ଅଖଣ୍ଡାନନ୍ଦ ସ୍ୱାମୀ ଉଦ୍‌ଘାଟନ କରି କହିଥିଲେ ଯେ, ଉତ୍କଳୀୟ ଧର୍ମଧାରାର ପ୍ଲାବନ ଭିତରେ ରହିଛି ଏହି ମାଟିର ଏକ ଗୌରବମୟ ସନ୍ଥ ପରମ୍ପରା। ଉତ୍କଳୀୟ ଭୂଖଣ୍ଡରେ ଜନ୍ମ ନେଇଥିବା ଅନେକ ମନିଷୀ ଓ ଯୋଗୀଋଷିଙ୍କ ଦର୍ଶନ ଭିତରେ ଥିବା ମୌଳିକତା ଓ ବିଶ୍ୱଭାତୃତ୍ୱ ଆଜିବି ସମାଜକୁ ପ୍ରେରଣା ଦେଉଛି। ଉନ୍ନୟନ ନ୍ୟାସର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କହିଥିଲେ ଯେ, ମହାନ ସନ୍ଥପୁରୁଷ ଅରକ୍ଷିତ ଏଇ ପବିତ୍ର କ୍ଷେତ୍ରରେ ସିଦ୍ଧି, ସାଧନା ଲାଭକରି ସମାଧିସ୍ଥ ହୋଇଥିଲେ। ଦେଢ଼ଶହ ବର୍ଷ ପରେ ବି ତାଙ୍କ ଜୀବନର ଅମୂଲ୍ୟବାଣୀ ଓ ସର୍ବଧର୍ମ ସମନ୍ୱୟ ଭାବ ଆମ ସାମାଜିକ ଜୀବନକୁ ଆଚ୍ଛନ୍ନ କରି ରଖିଛି। ବିଶିଷ୍ଟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ କହିଥିଲେ ଯେ, ଆମ ଗ୍ରାମୀଣ ସଂସ୍କୃତି ଓ ସଭ୍ୟତା ଭିତରେ ଓଲାଶୁଣୀର ପରିଚିତି ଏକ ସ୍ମରଣୀୟ ସ୍ମୃତି। ଏହି ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରଯତ୍ନ କରିବା ସହ ଏହାର ପର୍ଯ୍ୟଟନ ଓ ସାଂସ୍କୃତିକ ବିଭବକୁ ନେଇ ଓଲାଶୁଣୀ ଉପରେ ଏକ କଫି ଟେବୁଲ ବହି ପ୍ରକାଶନ କରାଯିବ ବୋଲି କହିଥିଲେ। ଏହି ଅଂଚଳର ଜନସାଧାରଣଙ୍କ ସହଯୋଗ ଦ୍ୱାରା ଏହା ରାଜ୍ୟର ଏକ ଅଗ୍ରଣୀ ଓ ବିକଶିତ ପୀଠର ମାନ୍ୟତା ଲାଭ କରିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ କହିଥିଲେ ଯେ, ମହାଭାରତୀୟ ଚେତନା ଭିତରେ ସନ୍ଥକବି ଅରକ୍ଷିତଙ୍କ ଜୀବନଦର୍ଶନ ଆମପାଇଁ ଏକ ଅମୂଲ୍ୟ କୃତି। ବିଶେଷକରି ଜାତି, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ଏବଂ ଜାତୀୟ ସଂହତି ରକ୍ଷା କ୍ଷେତ୍ରରେ ମଧ୍ୟ ସେ ସମାଜକୁ ଦିଗ୍‌ଦର୍ଶନ ଦେଇ ଯାଇଛନ୍ତି। ବରେଣ୍ୟ ଅତିଥି ଯାଜପୁର ଜିଲ୍ଲାପାଳ ରଂଜନ କୁମାର ଦାସ କହିଥିଲେ ଯେ, ରାଜ୍ୟର ସାଂସ୍କୃତିକ ଓ ପର୍ଯ୍ୟଟନ ମାନଚିତ୍ରରେ ଯାଜପୁରର ସ୍ଥାନ ସ୍ୱତନ୍ତ୍ର ଓ ଅନନ୍ୟ। ଜିଲ୍ଲାର ଗୌରବମୟ ତଥା ବିଶ୍ୱବିଖ୍ୟାତ ବୌଦ୍ଧକୀର୍ତ୍ତିରାଜି, ବିକଶିତ ଧାର୍ମିକ ପର୍ଯ୍ୟଟନସ୍ଥଳୀ ଓ ପ୍ରାଚୀନ ପୀଠଗୁଡ଼ିକ ସାଂସ୍କୃତିକ ଜାଗରଣ ଆଣିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଓଲାଶୁଣୀ ପୀଠର ସର୍ବାଙ୍ଗୀନ ବିକାଶ ଓ ଏହାର ପ୍ରସାର ପାଇଁ ଉନ୍ନୟନ ନ୍ୟାସର ଭୂମିକାକୁ ସେ ଉଚ୍ଚ ପ୍ରଶଂସା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ତଥା ଓଡ଼ିଶା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ଅଧ୍ୟକ୍ଷ ଜଷ୍ଟିସ ମନୋରଂଜନ ମହାନ୍ତି ସନ୍ଥଙ୍କ ଜୀବନୀ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହୋଇରହିଛି ବୋଲି କହିଥିଲେ। ଏ ଅବସରରେ ଅନୁଷ୍ଠାନ ପକ୍ଷରୁ ଯୋରନ୍ଦା ମହିମାଧର୍ମ ସମାଜର ପୂଜ୍ୟ ସନ୍ଥ ବ୍ରହ୍ମାବଧୂତ ବାବା ନିତ୍ୟାନନ୍ଦ ଦାସଙ୍କୁ 'ସନ୍ଥ ଅରକ୍ଷିତ ଦାସ ସମ୍ମାନ' ଏବଂ ବଡ଼ଖେମୁଣ୍ଡି ଅଂଚଳରେ ଜନ୍ମିତ ବିଶିଷ୍ଟ ଗବେଷକ ତଥା ଐତିହାସିକ ଡକ୍ଟର ଅନନ୍ତରାମ କର କୌଣ୍ଡିନ୍ୟଙ୍କୁ 'ମା' ଓଲାଶୁଣୀ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଡକ୍ଟର କରଙ୍କ ଦ୍ୱାରା ଲିଖିତ ଗବେଷଣାତ୍ମକ ପୁସ୍ତକ 'ସନ୍ଥ ଅରକ୍ଷିତ ଦାସ' ମଧ୍ୟ ଲୋକାର୍ପିତ ହୋଇଥିଲା।

ଓଲାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସର ମ୍ୟାନେଜିଂ ଟ୍ରଷ୍ଟି ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ସଦସ୍ୟ ଶୁଭେନ୍ଦୁ କୁମାର ଭୂୟାଁ ସ୍ୱାଗତ ଭାଷଣ ଦେଇଥିଲାବେଳେ ଟ୍ରଷ୍ଟି ତଥା 'ପ୍ରଗତିବାଦୀ'ର କାର୍ଯ୍ୟକାରୀ ସଂପାଦକ ବିରୂପାକ୍ଷ ତ୍ରିପାଠୀ, ସଦସ୍ୟ ଅଲେଖ ଚନ୍ଦ୍ର ସାମଲ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଶ୍ରୀ ସତ୍ୟସାଇ ବାଳବିକାଶ ଛାତ୍ରୀମାନେ ବେଦ ପାଠ କରିଥିଲେ। ରାଜ୍ୟପାଳ, ବାଚସ୍ପତି ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ ଶ୍ରୀକାନ୍ତ କୁମାର ସାମଲ, ସୁମନ୍ତ କୁମାର ଭୂୟାଁ ଓ ସ୍ମୃତିରଂଜନ ନାୟକ। ସମ୍ବର୍ଦ୍ଧିତ ସନ୍ଥ ସାଧକଙ୍କ ମାନପତ୍ର ପାଠ କରିଥିଲେ ଦେବଦତ୍ତ ସାମଲ ଓ ସ୍ନେହାଶିଷ



ସାମଲ। ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ସଂଗୀତ ନିର୍ଦ୍ଦେଶକ ଦିନେଶ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ 'ମା' ଓଲାଶୁଣୀ ପୀଠେ ସନ୍ଥ ଅରକ୍ଷିତ' ଭଜନ ସିଡ଼ି ମଧ୍ୟ ଉନ୍ମୋଚିତ ହୋଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଭରତପୁର ସରପଂଚ ସରସ୍ୱତୀ ବେହେରା। ଜଣାଶୁଣା ଟିଭି ଭାଷ୍ୟକାର ଶରଣାରବିନ୍ଦ ଓଝା ସମଗ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗଡ଼ମେକର ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ ଦେବୀ ଓଲାଶୁଣୀ ପୀଠରୁ ସଂକୀର୍ତ୍ତନ ଶୋଭାଯାତ୍ରା ସହ କୌସ୍ତୁଭ ବ୍ରହ୍ମଚାରୀ ଓ ବିରୂପାକ୍ଷ ତ୍ରିପାଠୀଙ୍କ ଦ୍ୱାରା ମହୋତ୍ସବ ସ୍ଥଳକୁ ଆଜ୍ଞାମାଳ ଯାତ୍ରା ଆୟୋଜିତ ହୋଇଥିଲା। ଉତ୍ସବରେ ସ୍ଥାନୀୟ ଅଂଚଳର ଜନପ୍ରତିନିଧି, ସାଧୁସନ୍ଥ ଓ ଜନସାଧାରଣ ଯୋଗ ଦେଇଥିଲେ।

# ଗୌରବମୟ ଗାରିମାର ଅଧିକାରୀ ଥିଲେ ନେତାଜୀ





**ଯେ**ଉଁ ଫଟୋଚିତ୍ରଟି ସମଗ୍ର ବିଶ୍ୱରେ ସବୁଠୁ ବିଖ୍ୟାତ ଓ ପରିଚିତ ତାହା, ଘୋଡ଼ା ପିଠିରେ ବସିଥିବା ଜଣେ ମହାମାନବ, ରାଷ୍ଟ୍ରଭକ୍ତ, ପ୍ରଜ୍ଞାଦୀପ୍ତ ଓ ସାହସୀ ସୈନିକ ଏବଂ ସ୍ୱପ୍ନଦେଖୁଥିବା ଭାବପ୍ରବଣ ବିପ୍ଳବୀ। ଜଣେ ବିପ୍ଳବୀ ହିଁ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଅହରହ ଦିବାରାତ୍ରୀ ସ୍ୱପ୍ନ ଦେଖିପାରେ ଏବଂ ସ୍ୱପ୍ନ ଦେଖୁଥିବା ଦେଶଭକ୍ତ ଜଣେ ଯେ ବିପ୍ଳବୀ ହୋଇପାରେ ତାହା ଭାରତବର୍ଷରେ ଏଭଳି ଭାବାଦର୍ଶର ଶକ୍ତିଶାଳୀ ଯୋଗଜନ୍ମା ବ୍ୟକ୍ତିତ୍ୱ ହେଉଛନ୍ତି "ନେତାଜୀ ସୁଭାଷ ଚନ୍ଦ୍ର ବୋଷ"। ଯାହାଙ୍କର ଅନ୍ତିମ ଅଧ୍ୟାୟ, ଶେଷଦର୍ଶନ, ଭକ୍ତିପୂତ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଜଣାଇବାରେ ଆମ୍ଭେ ଭାରତୀୟ ମାନେ ଏଥିରୁ ବଞ୍ଚିତ। ତାହା କେବଳ ମୋ ପାଇଁ ନୁହେଁ, ସମଗ୍ର ବିଶ୍ୱରେ ଥିବା ଭାରତୀୟଙ୍କ ପାଇଁ ହୃଦୟଭିତରେ ଭରିରହିଛି ଦୁଃଖ ଆଉ ତାଡ଼ନା, ଏହା ଆମ୍ଭର ଭାଗ୍ୟର ବିଡ଼ମ୍ବନା।ଗାନ୍ଧିଜୀଙ୍କର ବିପ୍ଳବର ପଦଧ୍ୱନୀ,ସ୍ୱପ୍ନ, ଅହିଂସାର ଅସ୍ତ୍ର ଥିବାବେଳେ, ନେତାଜୀଙ୍କର ଭାବଧାରା, ମତ ଥିଲା ଅନନ୍ୟ। ଗାନ୍ଧିଜୀଙ୍କର ଅହିଂସା ଆନ୍ଦୋଳନର ନେତୃତ୍ୱ, ଆଦର୍ଶକୁ ହୃଦୟ ଭିତରେ ଗ୍ରହଣ କରିପାରି ନଥିଲେ ଏହି ଯୋଦ୍ଧା। ଭାରତବର୍ଷର ସ୍ୱାଧିନତାର ସ୍ୱପ୍ନକୁ ସଫଳ କରିବାପାଇଁ ମହାସଂଗ୍ରାମ ସହ ଆବଶ୍ୟକ ସ୍ଥଳେ ଅସ୍ତ୍ରର ଉପଯୋଗ ଥିଲା ଏହି ଯୋଦ୍ଧାଙ୍କର ସ୍ୱପ୍ନପ୍ରୀତି। ଗାନ୍ଧିଜୀଙ୍କର ଅହିଂସା ମନ୍ତ୍ରକୁ ବାସ୍ତବ ଯୁକ୍ତି ଆଧାରରେ ଦର୍ଶାଉଥିଲେ ଯେ, ଭାରତବର୍ଷର ସ୍ୱାଧିନତାର ମୂଳମନ୍ତ୍ର ଅହିଂସା ହିଁ ମାର୍ଗଦର୍ଶକ ହୋଇପାରେ; କିନ୍ତୁ ବାପୁଜୀ କିଭଳି ଭାବରେ ଜାଣିପାରୁ ନାହାନ୍ତି ଯେ, କେତେ ଯେ ସ୍ୱାଧିନତା ସଂଗ୍ରାମୀ ଇଂରେଜମାନଙ୍କ ଦ୍ୱାରା ସହିଦହେଲେଣି, ତା'ର ହିସାବ ଗାନ୍ଧିଜୀଙ୍କ ପାଖରେ ଅଛିକି ? ନିଜର ରାଷ୍ଟ୍ର,ସ୍ୱପ୍ନପ୍ରୀତି ସଂବଧରେ ସେ ନିଜେ ଏହିପରି ଗାନ୍ଧିଜୀଙ୍କୁ ଆହୁରି କହିଥିଲେ, ଅନିତ୍ୟ ବିଶ୍ୱରେ ସମସ୍ତ ଧ୍ୱଂସ ପାଏ; କନ୍ତୁ ଧ୍ୱଂସ ପାଏନାହିଁ– ଭାବଧାରା, ଆଦର୍ଶ ଓ ସ୍ୱପ୍ନ। ମୋ ପାଇଁ ହୁଏତ ଗୋଟିଏ ଭାବଧାରା ପାଇଁ ମୃତ୍ୟୁବରଣ କରିବାକୁ ପଡ଼ିପାରେ। କିନ୍ତୁ ମୋର ମୃତ୍ୟୁ ପରେ କୋଟିକୋଟି ମନୁଷ୍ୟ ହୃଦୟରେ ସେହି ଭାବଧାରାର ପୁନର୍ଜନ୍ମ ଘଟେ। ଏହି ଭାବରେ ଆବର୍ତ୍ତିତ ହୁଏ କ୍ରମ ବିକାଶର ଚକ୍ର। ସାକାର ହୁଏ ଦିବାରାତ୍ରୀ ଦେଖୁଥିବା ବାସ୍ତବ ସ୍ୱପ୍ନ। ଏହି ସ୍ୱପ୍ନଦ୍ରଷ୍ଟା ସଂଗ୍ରାମୀଙ୍କର ବାହୁବଳୀ, ଶକ୍ତିଶାଳୀ ଶବ୍ଦ ସଦାସର୍ବଦା ଭାରତୀୟଙ୍କ ହୃଦୟ ଭିତରେ ମନେ ପକାଏ। "ମୋତେ ରକ୍ତଦିଅ ମୁଁ ତୁମକୁ ସ୍ୱାଧିନତା ଦେବି।" ଏହି ଯୋଦ୍ଧା ଆମ୍ଭକୁ ସ୍ୱାଧିନତା ଦେବାକୁ କହୁଥିଲେ, ସ୍ୱାଧିନତାର ମୂଲ୍ୟବୋଧ କ'ଣ ସେ ଜାଣିଥିଲେ। ଯିଏ ରକ୍ତ ମାଗୁଥିଲେ, ସେ ରକ୍ତ ଦେଇ ବି ଜାଣିଥିଲେ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ'ଙ୍କ ଭିତରେ ବୀରତ୍ୱର ସ୍ୱପ୍ନ କେଉଁଠି ଓ କିଏ ସଂଚାର କରିଥିଲା ? ଜନ୍ମ ୧୮୯୭ ମସିହା, ଜାନୁଆରୀ ୨୩ ତାରିଖ। ଓଡ଼ିଶା ମାଟିରେ– କଟକ ସହରର ଓଡ଼ିଆ ବଜାରରେ। ବାପା ଜାନକୀନାଥ ବୋଷ, ମାଆ ପ୍ରଭାବତୀ ଦେବୀ, ଘରର ନାଁ ବି ବାପାଙ୍କ ନାମ ଅନୁସାରେ–ଜାନକୀ ନାଥ ଭବନ। ପଢ଼ା ରେଭନ୍‌ସା କଲିଜିଏଟ୍ ସ୍କୁଲ। ସେଠୁ କଲିକତା। ଆଇ.ସି.ଏସ୍ ପରୀକ୍ଷାରେ ସ୍ୱତନ୍ତ୍ର ସ୍ଥାନ ହାସଲ (୧୯୨୦) ଏବଂ ବୃତ୍ତିକୁ ସେ କଲେ ପ୍ରତ୍ୟାଖ୍ୟାନ। ଯେଉଁ ଚାକିରି ପାଇଁ ମଣିଷ ଭିତରେ କେତେ ସ୍ୱପ୍ନ ଭରିରହିଥାଏ। ସେ ସ୍ୱପ୍ନକୁ ହାତ ମୁଠାରେ ପାଇଲା ପରେ ଜଣେ ତାକୁ ପ୍ରତ୍ୟାଖ୍ୟାନ କରିପାରେ କିପରି ? ଏହି ପ୍ରସଙ୍ଗରେ ସୁଭାଷଙ୍କ ବକ୍ତବ୍ୟ ଏକ ଚିଠିରେ ସୁସ୍ପଷ୍ଟ– ବିପ୍ଳବର ସଂଜ୍ଞା ମୁଁ ମୋର ପ୍ରଧାନ ଶିକ୍ଷକ ବାବୁ ବେଣୀମାଧବ ଦାସଙ୍କଠାରୁ ଜାଣିଲି। ରେଭେନ୍‌ସା କଲିଜିଏଟ୍ ସ୍କୁଲରେ ମୁଁ ଅଧ୍ୟୟନ କରିନଥିଲେ ଦେଶର ସ୍ୱାଧୀନତା କଥା ହୁଏତ ଆଦୌ ଚିନ୍ତା କରିପାରିନଥାନ୍ତି। ଅର୍ଥାତ୍ ଶିକ୍ଷକ ହିଁ ବିପ୍ଳବୀ କୁ ତିଆରି କରେ। ସେହି ସୁଭାଷ ବୋଷ ତାଙ୍କ ବାଲ୍ୟ ଶିକ୍ଷକଙ୍କ ଠାରୁ ଏଇ ଓଡ଼ିଶା ମାଟିରୁ ସେବା ଓ ତ୍ୟାଗର ମନ୍ତ୍ର ଶୁଣିଥିଲେ ସମାଜ ପରିବର୍ତ୍ତନର ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନ ପରବର୍ତ୍ତୀ କାଳରେ ପଲ୍ଲବିତ ହୋଇଛି। ଗାନ୍ଧିଜୀଙ୍କର ଭାରତର ସ୍ୱାଧୀନତା ଆନ୍ଦୋଳନରେ ସଂପୃକ୍ତି ଓ ରାଜନୈତିକ ବିଚାରଧାରା ଏହି ପଲ୍ଲବନର କାରଣ। ଉପନିବେଶାବାଦର ଔଦ୍ଧତ୍ୟକୁ ସେ ବୁଝିଛନ୍ତି, ଅହିଂସା ମନ୍ତ୍ରର ଶକ୍ତି ବି ତାଙ୍କୁ ଅନ୍ଦୋଳିତ କରିଛି। ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ପ୍ରେରଣାରେ ୧୯୨୧ ମସିହାରେ ଭାରତୀୟ ମୁକ୍ତିସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇ ଜେଲ୍ ଯାଇଛନ୍ତି। ଜୀବନର ବହୁ ସମୟ ତାଙ୍କର ଜେଲ୍ ଭିତରେ ହିଁ କଟିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ୧୯୨୪ ମସିହାରେ ବ୍ରିଟିସ ସରକାର ତାଙ୍କ ମୁଣ୍ଡରେ ସନ୍ତ୍ରାସବାଦୀର ମୁକୁଟ ପିନ୍ଧାଇଛି। ସେ କାଳର ବର୍ମା ଓ ଆଜିର ମାନ୍‌ମାରର ମଣ୍ଡାଲ୍ୟ ଜେଲ୍‌ରେ ୧୯୨୭ ମସିହା ପର୍ଯ୍ୟନ୍ତ ବଞ୍ଚିବାକୁ ପଡ଼ିଛି। ସଂଗ୍ରାମୀ ସୁଭାଷ ବିଭିନ୍ନ ସମୟରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରାଦେଶିକ ଓ ଜାତୀୟ ସ୍ତରରେ ନେତୃତ୍ୱ ନେଇଛନ୍ତି। ଅସହଯୋଗ ଆନ୍ଦୋଳନ, ପୂର୍ଣ୍ଣ ସ୍ୱରାଜ ପ୍ରାପ୍ତି ପାଇଁ ଆହ୍ୱାନ ଏ ସକଳ କ୍ଷେତ୍ରରେ ତାଙ୍କର କ୍ରାନ୍ତିକାରୀ ମାନସିକତା ପ୍ରତିଫଳିତ ହୋଇଛି। ୧୯୩୨ ମସିହାରେ ପ୍ରତିଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭାପତି ପଦ ୧୯୩୯ ରେ ମଣ୍ଡନ କରିଛନ୍ତି ସୁଭାଷ ଏବଂ ଶେଷରେ ନିଜେ ଫରୱାର୍ଡ଼ ବ୍ଲକ୍ ନାମକ ଏକ ରାଜନୈତିକ ସଂଗଠନ ଆରମ୍ଭ କରିଛନ୍ତି। ସଂଗ୍ରାମୀ ମାନଙ୍କର ଏହି ଗୋଷ୍ଠୀର ନାଁ ରଖିଛନ୍ତି– "ଆଜାଦ୍ ହିନ୍ଦ ଫୌଜ୍" ଉଦ୍ଦେଶ୍ୟ ଥିଲା ମହତ୍ ଖଣ୍ଡାର ଜବାବ୍ ଖଣ୍ଡାରେ ଦେବାକୁ ପଡ଼ିବ ଏବଂ ଏହି ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ସେ ଏସିଆ ଓ ୟୁରୋପର ନାନା ଦେଶ ଘୂରି ବୁଲୁଛନ୍ତି। ଛଦ୍ମବେଶ ଧାରଣ କରିଛନ୍ତି। ପୁଣି ଆତ୍ମପ୍ରକାଶ ବି କରିଛନ୍ତି। ଏକ ବିଚିତ୍ର ଜୀବନ। ୧୪ ଏପ୍ରିଲ ୧୯୪୪ ମସିହାରେ ମଣିପୁରର ମୋଇରଙ୍ଗରେ ଭାରତୀୟତାର ପ୍ରତୀକ ତ୍ରିରଙ୍ଗା ପତାକାକୁ ଉଡ଼ାଉଛନ୍ତି ଏବଂ ଶେଷକୁ ତାଙ୍କ ଉଦ୍ଦାମ ବ୍ୟକ୍ତିତ୍ୱ ସହସ୍ୟଜନକ ଭାବେ ନିଖୋଜ ହୋଇଯାଇଛି ୧୯୪୫ ମସିହାରେ। କେଉଁଆଡ଼େ ଗଲେ ସୁଭାଷ ? ବିମାନ ଦୁର୍ଘଟଣାରେ ସବୁଦିନ ପାଇଁ ହଜିଗଲେ, ନା ତାଙ୍କୁ କେହି ଷଡ଼ଯନ୍ତ୍ରରେ ହତ୍ୟାକଲେ, ନା ବଞ୍ଚିରହି ମଧ୍ୟ ନିଜକୁ ଅପରିଚିତ ରଖିଲେ, ତାହା ଆଜି ବି ଭାରତୀୟ ଙ୍କ ମନରେ ପ୍ରଶ୍ନବାଚୀ। ସୁଭାଷଙ୍କ ବର୍ତ୍ତମାନକୁ ଆମେ ଯେଉଁ କେତୋଟି ଜାଗାରେ ଖୋଜୁ, ବିଶ୍ୱର ସେହି ସ୍ଥାନ ଗୁଡ଼ିକ ମଧ୍ୟରେ କଟକ ସହର ଅନ୍ୟତମ। ଏଇଠି ସୁଭାଷଙ୍କ ଜନ୍ମ, ଶୈଶବ ଓ କୈଶୋର। ଓଡ଼ିଶା ମାଟିରୁ ସେ ସ୍ୱପ୍ନ ଦେଖିବା ଆରମ୍ଭ କରିଥିଲେ। ଓଡ଼ିଶା ମାଟିରୁ ପ୍ରତିଧ୍ୱନିତ ହୋଇଥିଲା ଜାତିପ୍ରେମର ମନ୍ତ୍ର, ଓଡ଼ିଶା ମାଟିରୁ ସୃଷ୍ଟି ହୋଇଥିଲା ବିପ୍ଳବର ବହ୍ନି। ଓଡ଼ିଶା ମାଟିରେ ରହିଯାଇଛି ତାଙ୍କର ଅମରସ୍ମୃତି ଓ ପ୍ରମାଣ। ଜାତୀୟ ସ୍ତରରେ ସେ ଅବଶ୍ୟ ନେତୃତ୍ୱ ନେଇଛନ୍ତି, ମାତ୍ର ଓଡ଼ିଶାକୁ ଭୁଲି ପାରିନାହାନ୍ତି। ଭୁଲିପାରି ନାହାନ୍ତି ଆଠ ଭାଇଭଉଣୀଙ୍କ ସହ ବାଲ୍ୟସ୍ମୃତି, ମଆଙ୍କ ହାତରନ୍ଧା ଖାଦ୍ୟର ମହକ। ଭୁଲି ପାରିନାହାନ୍ତି ଜାନକୀନାଥ ଭବନର ଧୂଳିମାଟି–ଯେଉଁଠୁ ସାଉଣ୍ଟୁଥିଲେ ସେ ତାଙ୍କ ଶୈଶବକୁ ବିଭିନ୍ନ ସମୟରେ ଓଡ଼ିଶାକୁ ଆସିଛନ୍ତି। ଓଡ଼ିଆ ମାନଙ୍କ ସରଳତା ଓ ବୀରତ୍ୱ ଉଭୟକୁ ସ୍ୱୀକାର କରିଛନ୍ତି। ବହୁ ଜାତୀୟତାବାଦୀ ଓଡ଼ିଆଙ୍କ ମଧ୍ୟରେ ସୁଭାଷଙ୍କ ଚେତନାର ଅନ୍ୟତମ ସହଯାତ୍ରୀ ଥିଲେ ଉତ୍କଳମଣି ଗୋପବଂଧୁ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ସେ ଯେତେଥର ଓଡ଼ିଶା ଆସିଛନ୍ତି ଓଡ଼ିଶା ସହିତ ତାଙ୍କ ଶୈଶବର ମଧୁର ସ୍ମୃତିଚାରଣରେ ବିଭୋର ହୋଇଛନ୍ତି। ସଂଗ୍ରାମୀ ସୁଭାଷ ୧୯୨୮ ମସିହା ମେ ମାସରେ ଅନୁଷ୍ଠିତ ଭାରତୀୟ ସର୍ବଦଳୀୟ କମିଟିର ସଭ୍ୟ ଭାବେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରି ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ଆନ୍ଦୋଳନକୁ ଦୃଢ଼ସମର୍ଥନ ଦେଇଛନ୍ତି ଏବଂ ୧୯୪୦ ମସିହାରେ ଫରୱାର୍ଡ ବ୍ଲକର ଆଭିମୁଖ୍ୟ ସଂପର୍କରେ ଓଡ଼ିଆମାନଙ୍କୁ ଅବହିତ କରାଇବାପାଇଁ କଟକ ମୁନିସିପାଲିଟି ପଡ଼ିଆରେ ସମବେତ ପ୍ରାୟ ୫୦ ହଜାର ଜନତା ଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଏଇ ଓଡ଼ିଶାର ମାଟି ଯେ ତାଙ୍କୁ ଉଦ୍‌ବୋଧିତ କରିଛି ତାହା ସେ ସ୍ୱିକାର କରିଛନ୍ତି। ତେଣୁ ମୋ ଚିନ୍ତାଧାରାରେ ନେତାଜୀ ସୁଭାଷ ଯେ ଚିର ଅମର, ତାହା କଟକର ଓଡ଼ିଆ ବଜାରରେ ଜାନକୀ ନାଥ ଭବନ କୁ ପହଞ୍ଚିଗଲେ ସ୍ପଷ୍ଟ ଅନୁଭବ କରିହୁଏ। ବର୍ତ୍ତମାନ ତାହା ନେତାଜୀଙ୍କ ଜନ୍ମସ୍ଥାନ ସଂଗ୍ରାହଳୟ ଭାବେ ପରିଚିତ। ମୋତେ ଲାଗେ, ସେ ଏଇଠି କେଉଁଠି ଅଛନ୍ତି କି ? ତାଙ୍କର ଜନ୍ମଠାରୁ କୈଶୋର ଓ ସଂଗ୍ରାମୀ ଜୀବନର ବହୁ ସନ୍ତକ ଏଇଠି ସାଇତା ହୋଇ ରହିଛି। ପତ୍ନୀଙ୍କୁ ୧୯୩୬ ମସିହାରେ ଅଷ୍ଟ୍ରିଆରୁ ସୁଭାଷ ଲେଖିଥିବା ଚିଠି "ମୋ ଦେଶ ପୁନର୍ବାର ଡ଼ାକରା ଦେଇଛି – ମୋ କର୍ତ୍ତବ୍ୟ ମୋତେ ଆହ୍ୱାନ ଦେଇଛି – ମୁଁ ତୁମକୁ ତ୍ୟାଗକରି ମୋର ପ୍ରଥମ ପ୍ରେମ ମୋ ଦେଶ ନିକଟକୁ ଫେରିଯିବି।" ସଂଗ୍ରହାଳୟରେ ପ୍ରଦର୍ଶିତ ଏହି ହୃଦୟସ୍ପର୍ଶୀ ଚିଠିର ସ୍ମୃତି ଏବେ ବି ଭାରତୀୟଙ୍କ ହୃଦୟକୁ ଭାବବିହ୍ୱଳ କରିଦିଏ।

ସଂଗ୍ରାମୀ ଜଣେ ସନ୍ୟାସୀ ନୁହେଁ, ସଂସାରୀ। ସଂଗ୍ରାମ ସହିତ ସମତାଳରେ ସଂସାର ବି ଚାଲୁଥାଏ– ହାତ ଧରାଧରି ହୋଇ ଏବଂ ସଂଗ୍ରାମର ମନ୍ତ୍ର ଯେ ଶୈଶବରେ ଅଙ୍କୁରିତ ହୋଇଥାଏ – ଏ ସଂଗ୍ରହାଳୟରେ ପାଦ ଦେଲେ ସେମିତି ଲାଗେ। ସତ୍ୟନିଷ୍ଠ, ସ୍ୱାଧୀନ ଚେତା, ବିପ୍ଳବୀ ବୀର ସୁଭାଷଙ୍କର ସମସ୍ତ ଗୌରବମୟ ଗାରିମାକୁ ସାଇତି ରଖି ଏ ସଂଗ୍ରହାଳୟ ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ସୁଭାଷଙ୍କର ତ୍ୟାଗପୂତ ଦେସପ୍ରେମର କଥା ଓ ବୀରତ୍ୱର ଗାଥା ମନେପକାଇ ଦିଏ। ମୋତେ ଲାଗେ, ନେତାଜୀ ସୁବାଷଚନ୍ଦ୍ର ବୋଷଙ୍କର ଆମ୍ଭ ଓଡ଼ିଶାର ଜନ୍ମମାଟି ନୁହେଁ ତ ତ୍ୟାଗ ଓ ପ୍ରେମର ଏକ ପବିତ୍ର ମନ୍ଦିର। ମୋର ବିଶ୍ୱାସ, ଓଡ଼ିଶାର ଯୁବଛାତ୍ର, ପିଲାମାନେ ଏ ପବିତ୍ର ଭୂମିକୁ ଆସିବେ। ଏ ମାଟିକୁ ଛୁଇଁବେ। ସେବା, ତ୍ୟାଗ ଓ ସଂଗ୍ରାମ ଯେ ମଣିଷକୁ ଅମରକରେ ଏହି ମହାମନ୍ତ୍ରକୁ ଅନୁଭବ କରିବେ। ସୁଭାଷଙ୍କ ଆଦର୍ଶର ସ୍ପନ୍ଦନରେ ସ୍ପନ୍ଦିତ ହେବେ। ଲାଗିବ ସେମାନେ ସତେ ଯେପରି ଜଣେ ଜଣେ ଦେଶମାତୃକା ପାଇଁ ସମର୍ପିତ ବ୍ୟକ୍ତିତ୍ୱ। ଅନେକ ସଂଗ୍ରାମର ଦେଶ ଏ ଭାରତ ଭୁଇଁରେ ଏବେ ସେମାନେ ସମସ୍ତେ ଜଣେ ଜଣେ ସଂଗ୍ରାମୀ ଯୋଦ୍ଧା। ଭାରତବାସୀଙ୍କ ଉଦ୍ଦେଶ୍ୟରେ ନେତାଜୀଙ୍କ ହୃଦୟ ସ୍ପର୍ଶୀ ଭାଷଣ ଏହିପରି ଥିଲା। "ହେ ମୋ ଦେଶର ଭାଇଭଉଣୀ, ମୁଁ କାହିଁକି ଜନ୍ମଭୂମି ପରିତ୍ୟାଗ କରି ବିପଦସଂକୁଳ ଏ ଦୁର୍ଗମ ପଥରେ ପାଦ ଦେଲି ସେ କଥା ଆପଣମାନଙ୍କୁ କହିବାକୁ ଚାହେଁ। ଆଜି ଆପଣମାନେ ମୋତେ ଯେପରି ଆନ୍ତିରିକତା ଓ ଆନନ୍ଦର ସହିତ ଅଭିନନ୍ଦିତ କରିଛନ୍ତି, ସେଥିପାଇଁ ଆପଣମାନଙ୍କୁ ଧନ୍ୟବାଦ ଜଣାଉଛି। ମୋର ଯେଉଁସବୁ ଭାରତୀୟ ମାନେ ତାଙ୍କର ଅନ୍ତରର ଅଗ୍ନିମୟ ଦେଶପ୍ରେମ ପ୍ରେରଣାରେ ଏତେ ଅଧିକ ସଂଖ୍ୟାରେ ଆଗେଇ ଆସିଛନ୍ତି, ମୁଁ ସେମାନଙ୍କ ନିକଟରେ ବିଶେଷ ଭାବରେ କୃତଜ୍ଞ। ଆଜି ମୁଁ ଯାହା ଦେଖୁଛି, ସେଥିରେ ମୋର ମନରେ ଏହି ବିଶ୍ୱାସ ଜନ୍ମିଛି ଯେ, ଆସନ୍ତା ସଂଗ୍ରାମରେ ସୋନାନ୍ ଏବଂ ମାଲୟସ୍ଥିତ ମୋର ଦେଶବାସୀମାନେ ଅଗ୍ରଣୀର ସ୍ଥାନ ଦଖଲ କରିବେ। ଦିନେ ଯେଉଁ ସ୍ଥାନ ବ୍ରିଟିଶ ସାମ୍ରାଜ୍ୟର ପ୍ରାକାର ସ୍ୱରୁପ ଥିଲା। ସେହି ସ୍ଥାନ ଆଜି ଭାରତୀୟତାବାଦର ଦୁର୍ଗରେ ପରିଚିତ ହୋଇଛି। ସଂଗ୍ରାମ ମରେନାହିଁ କି ସରେନାହିଁ। ଗୋଟିଏ ସଂଗ୍ରାମ ଆଉ ଗୋଟିଏ ସଂଗ୍ରାମକୁ ଜନ୍ମଦିଏ। ସ୍ୱାଧୀନତା ପୂର୍ତ୍ତୀ ପରେ ମଧ୍ୟ ଭାରତ ଆଜି ବି ଜାତି, ଧର୍ମ, ବର୍ଣ୍ଣ, ଓ ଭାଷାକୁ କେନ୍ଦ୍ରକରି ଅନକ ସଂଗ୍ରାମର ଅପେକ୍ଷା ରଖିଛି। ନେତାଜୀଙ୍କ ପବିତ୍ର ଜୟନ୍ତୀ ପାଳନ ଅବସରରେ ସେହି ଭଳି ଏକ ଅହଂମୁକ୍ତ ଅନୁଭବ ପାଇଁ ଏ ଜାତି ଅପେକ୍ଷା ରଖିଛି। ଅପେକ୍ଷା ରଖିଛି ଓଡ଼ିଶା ମାଟିର ସେଇ ଜାନକୀନାଥ ଭବନ।

**ପ୍ରଦୀପ ସେନାପତି**, ରାଜ୍ୟ ସଭାପତି, ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ,ମୋ:୯୪୩୮୪୪୬୫୭୫

# ଆଦ୍ୟ ଶୈଶବ ସ୍ତରରେ ଶିଶୁର ମସ୍ତିଷ୍କ ଓ ହୃଦୟ ବିକାଶକୁ ଗୁରୁତ୍ୱ ଦେବା ଜରୁରୀ



ରାୟଗଡ଼ (ପିଏନ୍): ଶିଶୁଟିର ୬ ବର୍ଷ ମଧ୍ୟରେ ତାହାର କ୍ଷୀପ୍ର ଗତିରେ ମାନସିକ ବିକାଶ ବୃଦ୍ଧି ହୋଇଥାଏ। ଶିଶୁଙ୍କ ନିମନ୍ତେ ଅଙ୍ଗନବାଡ଼ି କେନ୍ଦ୍ର ହେଉଛି ଅତି ଗୁରୁତ୍ୱପୂର୍ଣ୍ଣ। ଅଙ୍ଗନବାଡ଼ି କେନ୍ଦ୍ରରେ ଶିଶୁର ପୋଷଣର ଉନ୍ନତି ସହିତ ମସ୍ତିଷ୍କ ବିକାଶ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ଶିଶୁଙ୍କ ନିମନ୍ତେ କରିବା ଜରୁରୀ। ଆଦ୍ୟ ଶୈଶବ ବିକାଶ ଓ ଉତ୍କର୍ଷ କେନ୍ଦ୍ର, ମନସ୍ତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ, ୟୁନିସେଫ ଏବଂ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କାର୍ଯ୍ୟାଳୟ, ରାୟଗଡ଼ଙ୍କ ମିଳିତ ଉଦ୍ୟମରେ ଆଦ୍ୟ ଶୈଶବ ଶିକ୍ଷା ଓ ଯତ୍ନ ଦିବସ ସମ୍ବନ୍ଧୀୟ କର୍ମଶାଳା ରାୟଗଡ଼ ସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଜାନୁଆରୀ ୧୭ ଓ ୧୮ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଦୁଇଦିନିଆ କର୍ମଶାଳାରେ ରାୟଗଡ଼ ଜିଲ୍ଲାର ୧୧ଟି ବ୍ଲକର ସି.ଡ଼ି.ପି.ଓ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀ ଯୋଗଦାନ କରିଛନ୍ତି। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ମନସ୍ତତ୍ତ୍ୱ ବିଭାଗର ବିଶେଷଜ୍ଞ ଯୋଗ ଦେଇ ପ୍ରାଥମିକ ସ୍ତରରେ ଶିଶୁର ମସ୍ତିଷ୍କ, ହୃଦୟର ତଥା ସମସ୍ତ ପ୍ରକାର ବିକାଶ କିପରି ହୋଇପାରିବ, ସେ ସମ୍ପର୍କରେ ଆଲୋକପାତ କରିଛନ୍ତି। ପ୍ରଫେସର ଭାସ୍ୱତି ପଟ୍ଟନାୟକ, ବିଭାଗୀୟ ମୁଖ୍ୟ, ମନସ୍ତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ବକ୍ତବ୍ୟରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଉତ୍କର୍ଷ କେନ୍ଦ୍ରର କାର୍ଯ୍ୟ ହେଉଛି ଆଦ୍ୟ ଶୈଶବରେ ଭାବନା ଶକ୍ତି ବଢ଼ିବା, କଳ୍ପନା ଶକ୍ତି ବଢ଼ାଇବା, ଶିଶୁମାନଙ୍କର ଜାଣିବାର ଆଗ୍ରହ ବଢ଼ାଇବାକୁ ବଢ଼ିବ। ଅଙ୍ଗନବାଡ଼ି କେନ୍ଦ୍ର ଆନନ୍ଦ ଏବଂ ଉତ୍ସାହ ପ୍ରଦାନ ସ୍ଥାନ ହେବା ସହିତ ଘରେ ମଧ୍ୟ ମାଆମାନେ ନିଜ ଶିଶୁମାନଙ୍କ ବିକାଶ ନିମନ୍ତେ ଆନନ୍ଦ ଓ ଉତ୍ସାହ ପ୍ରଦାନ କରିବା ସହିତ ଖୁସି ମନରେ ତା'କୁ ଆଦର କରିବା ଯାହାଦ୍ୱାରା ମସ୍ତିଷ୍କର ବିକାଶ ତ୍ୱରାନିତ୍ୱ ହେବ ବୋଲି ମତ ଦେଇଥିଲେ। ଡ. ମନୋସ୍ୱିନୀ ଦାଶ, ସହାୟକ ପ୍ରଫେସର, ମନସ୍ତତ୍ତ୍ୱ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ ଶିଶୁମାନଙ୍କର ମସ୍ତିଷ୍କ ବିକାଶ ସମ୍ପର୍କରେ ବିସ୍ତୃତ ଆଲୋଚନା କରିବା ସହିତ ମତ ଦେଇଥିଲେ ଯେ, ଆଦ୍ୟ ଶୈଶବରେ ମାନସିକ ବିକାଶ ଗୁରୁତ୍ୱପୂର୍ଣ୍ଣ। ଶିଶୁଟିର ସର୍ବାଙ୍ଗୀନ ଉନ୍ନତି କରିବାକୁ ଦୃଷ୍ଟି ଦେବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ତରଫରୁ ଜୀବନର ପ୍ରଥମ ୧୦୦୦ ଦିନକୁ ନେଇ ଏକ ପୁସ୍ତକ ପ୍ରକାଶିତ ହୋଇଛି। ସେଥିରେ ଶାରୀରିକ, ସ୍ୱାସ୍ଥ୍ୟର ବିକାଶ ସମ୍ପର୍କରେ ରହିଛି। କିନ୍ତୁ ଆମକୁ ମସ୍ତିଷ୍କର ବିକାଶକୁ ମଧ୍ୟ ଗୁରତ୍ୱ ଦେବାକୁ ପଡ଼ିବ। ହୃଦୟର ବିକାଶକୁ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ। ଡ. ମଧୁମିତା ଦାସ ଏହି କର୍ମଶାଳାରେ ଯୋଗ ଦେଇ ଅଙ୍ଗନବାଡ଼ି କେନ୍ଦ୍ରର ସୁପରିଚାଳନା, ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସରେ ଗୋଷ୍ଠୀ ସଂପୃକ୍ତି ସହିତ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ କିପରି ଅଧିକ ସୃଜନଶୀଳ କେନ୍ଦ୍ର ହେବ, ତଥା ବିଭିନ୍ନ ବର୍ଗର କର୍ମକର୍ତ୍ତାଙ୍କ ପ୍ରଶ୍ନ ସମ୍ପର୍କରେ ଆଲୋକପାତ କରିଥିଲେ। ରାୟଗଡ଼ ଜିଲ୍ଲାର ୮୦ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ସମସ୍ତ ବ୍ଲକର ସି.ଡ଼ି.ପି.ଓ, ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମୀ ଏହି କର୍ମଶାଳାରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀ ସାନ୍ତାଲାଲ ଦୀପି, ଶ୍ରୀ ପ୍ରକାଶ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାରେ ମୁଖ୍ୟ ବିଷୟବସ୍ତୁ ଥିଲା ଆଦ୍ୟ ଶୈଶବ ଯତ୍ନ ଓ ଶିକ୍ଷା ଦିବସ ଅଙ୍ଗନବାଡ଼ି କେନ୍ଦ୍ରରେ ପାଳିତ ହେବା ସହିତ ଏହାକୁ କ୍ରୀୟାଶୀଳ କରାଯିବା,ଆଦ୍ୟ ଅବସ୍ଥାରେ ଶିଶୁର ମସ୍ତିଷ୍କ ଓ ହୃଦୟ ବିକାଶ, ପିତାମାତାଙ୍କ ସହିତ ଶିଶୁର ବିକାଶ ସମ୍ବନ୍ଧୀୟ ବିଷୟଗୁଡ଼ିକ ସମ୍ପର୍କରେ ପିତାମାତାଙ୍କ ସହିତ ଆଲୋଚନା, ସମ୍ବନିତ ଶିଶୁବିକାଶ ଯୋଜନାର ତୃଣମୂଳ ସ୍ତରର କର୍ମକର୍ତ୍ତାଙ୍କ ଏହାକୁ କାର୍ଯ୍ୟକାରିତା କରିବା ନିମନ୍ତେ ଉପଯୁକ୍ତ ପରାମର୍ଶ ଦେବା ଏହି କର୍ମଶାଳାର ଉଦ୍ଦେଶ୍ୟ ରହିଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# କପିଳେଶ୍ୱର ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଲିଚନ୍ଦ୍ରପୁର ୧୪।୧(ପିଏନ)- ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ କପାଷ୍ଟିକିରୀ ଗ୍ରାମରେ ଥିବା କପିଳେଶ୍ୱର ସଂସ୍କୃତ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କ୍ରୀଡ଼ା ପ୍ରତିଯୋଗିତା ଗତ ଶନିବାର ଶେଷ ହୋଇଛି। ବିଦ୍ୟାଳୟର ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ସିନିୟର ବାଳିକା ବିଭାଗରେ ଚମ୍ପିୟନଭାବେ ନନ୍ଦିନୀ ସାୟ, ଜୁନିୟର ବାଳିକା ବିଭାଗରେ ଚମ୍ପିୟନଭାବେ ରଞ୍ଜିତା ନାୟକ, ସିନିୟର ବାଳକ ବିଭାଗରେ ଚମ୍ପିୟନଭାବେ ସର୍ବଜିତ ସ୍ୱାଇଁ,



ଜୁନିୟର ବାଳକ ବିଭାଗରେ ଚମ୍ପିୟନଭାବେ ପ୍ରକାଶ କୁମାର ମଲିକ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ପରମାନନ୍ଦ ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟାଙ୍ଗି ଡ୍ରିମ୍ସ କଲେଜର ଅଧ୍ୟକ୍ଷ ପ୍ରଦୀପ କୁମାର ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ପାରାଦେବୀ ସଂସ୍କୃତ ବିଦ୍ୟାଳୟର ହେଡ଼ ପଣ୍ଡିତ ଅଶୋକ କୁମାର ସାହୁ, ଡ୍ରିମ୍ସ କଲେଜର ଉପାଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ, ବିଦ୍ୟାଳୟର ପ୍ରତିଷ୍ଠାତା ଉମାକାନ୍ତ ସ୍ୱାଇଁ, ପ୍ରାକ୍ତନ ପ୍ରତିଷ୍ଠାତା ସଭାପତି ମୁରଲିଧର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ବିଜେତା ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଶାରଦା ଗୋପାଳ ପଟ୍ଟନାୟକ ଉତ୍ସବ ପରିଚାଳନା କରିଥିବା ବେଳେ ଶିକ୍ଷକ ସର୍ବଶ୍ରୀ ପଦ୍ମନାଭ ପ୍ରଧାନ, ଉମେଶ ଚନ୍ଦ୍ର ରାଉତ, ଚୌଧୁରୀ ଅଲୋକ କୁମାର ସାମଲ, ଚତୁର୍ଭୁଜ ପାତ୍ର, ସଂଗ୍ରାମ ରାଉତ, ଶିକ୍ଷୟିତ୍ରୀ ମମତା ରାଉତ ପ୍ରମୁଖ କ୍ରୀଡ଼ା କାର୍ଯ୍ୟ ସମ୍ପାଦନା କରିଥିଲେ।

## "ସ୍ୱାସ୍ଥ୍ୟ ଓ କଲ୍ୟାଣ ଉପରେ ଭାରତୀୟ ଅଭିଭାବକ ଓ ପିଲାମାନଙ୍କ ଭିନ୍ନ ମତ"
## ଆଦିତ୍ୟ ବିର୍ଲା ହେଲଥ ଇନସ୍ୟୁରାନ୍ସର ଭାରତୀୟ ପରିବାର କେୟାର ସର୍ଭେ

ଭୁବନେଶ୍ୱର: ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ଦୂରତା ବଢ଼ିଲେ ଭାରତୀୟ ପରିବାରରେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିଥାଏ ବୋଲି ଆଦିତ୍ୟ ବିର୍ଲା ହେଲଥ ଇନସ୍ୟୁରାନ୍ସ କଂପାନି (ଏବିଏଚଆଇସିଏଲ) ପକ୍ଷରୁ କରାଯାଇଥିବା ଭାରତୀୟ ପରିବାର ଯତ୍ନ ସର୍ବେକ୍ଷଣରୁ ଜଣାପଡ଼ିଛି। ଦେଶର ୧୦ଟି ପ୍ରମୁଖ ସହରରେ ଏହି ସର୍ବେକ୍ଷଣ କରାଯାଇଥିଲା। ଏଥିରେ ପରିବାର ଠାରୁ ଦୂରେଇ ରହୁଥିବା ପିଲାମାନେ ଜଣାଇଛନ୍ତି ଯେ ଆଧୁନିକ ପ୍ରଯୁକ୍ତି ଯୋଗୁଁ ପିଢ଼ିଗୁଡ଼ିକ ଭିତରେ ଦୂରତା କମିଥିଲେ ମଧ୍ୟ ସେମାନେ ସର୍ବଦା ନିଜ ପିତାମାତାଙ୍କ ସ୍ୱାସ୍ଥ୍ୟକୁ ନେଇ ଉଦବିଗ୍ନ ମନେ କରନ୍ତି। ସର୍ବେକ୍ଷଣରେ ଭାଗ ନେଇଥିବା ୮୬% ପିଲା କହିଛନ୍ତି ଯେ ସେମାନେ ଅଭିଭାବକଙ୍କୁ ନେଇ ବହୁତ ଚିନ୍ତିତ ଏବଂ ୬୦% ପିଲା କହିଛନ୍ତି ଯେ ନିଜକୁ ଫିଟ ରଖିବା ଲାଗି ତାଙ୍କ ପିତାମାତାମାନେ ଯେତିକି ଉଦ୍ୟମ କରିବା କଥା ତାହା କରୁନାହାନ୍ତି। ସେହିପରି ଏହି ସର୍ବେକ୍ଷଣରେ ଅଂଶଗ୍ରହଣ କରିଥିବା ୫୯% ଅଭିଭାବକ କହିଛନ୍ତି ଯେ ନିଜକୁ ଫିଟ ରଖିବା ଲାଗି ସେମାନେ ନିୟମିତ ଚାଲୁଛନ୍ତି। ୩୦% ଘରର କାମରେ ବ୍ୟସ୍ତ ରହୁଥିବା ବେଳେ ୧୮% ଯୋଗ ଏବଂ ବ୍ୟାୟାମ କରୁଛନ୍ତି।

ଏହି ସର୍ବେକ୍ଷଣ ସଂକ୍ରାନ୍ତରେ ଏବିଏଚଆଇସିଏଲର ସିଇଓ ଶ୍ରୀଯୁକ୍ତ ମୟଙ୍କ ବଥୱାଲ କହିଛନ୍ତି ଯେ, "ଆଜିର ପିଲାମାନେ କ୍ୟାରିଅର ଗଠନ କରିବା ଏବଂ ବୃତିରେ ଉନ୍ନତି ଆଣିବାର ଅଭିଳାଷ ପୂରଣ କରିବା ଲାଗି ପିତାମାତାମାନଙ୍କୁ ଘରେ ଛାଡ଼ି ବାହାରକୁ ଯାଉଛନ୍ତି। ତେବେ ପିତାମାତାଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ନେଇ ସେମାନେ ସବୁ ବେଳେ ଚିନ୍ତାରେ ରହୁଛନ୍ତି। ଘର ଠାରୁ ବାହାରେ ରହୁଥିବା ପିଲାମାନଙ୍କ ପିତାମାତାଙ୍କ ସ୍ୱାସ୍ଥ୍ୟ ଓ କଲ୍ୟାଣ ପ୍ରତି ରହିଥିବା ଚିନ୍ତାର ଏକ ସ୍ୱତନ୍ତ୍ର ଚିତ୍ର ପ୍ରଦାନ କରୁଛି ଭାରତୀୟ ଅଭିଭାବକ ଯତ୍ନ ସର୍ବେକ୍ଷଣ। ନିଜ ପିତାମାତାଙ୍କ ଯତ୍ନ କରୁଥିବାରୁ ମୁଁ ବୁଝିଛି ଯେ ଏହା କେତେ ବଡ଼ ଏବଂ ତେବେ ଆବଶ୍ୟକ।''

ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଲାଗି ଯିବା ବେଳେ ୫୪% ପିତାମାତା ସେମାନଙ୍କ ପିଲାଙ୍କୁ ମନେ ପକାଇଥାନ୍ତି। ୩୩% ଭାରତୀୟ ଅଭିଭାବକ ଛଅ ମାସରେ ଥରେ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯାଆନ୍ତି। ଘର ଠାରୁ ବାହାରେ ରହୁଥିବା ୬୫% ପିଲା କହିଛନ୍ତି ଯେ ଜରୁରୀକାଳୀନ ମେଡିକାଲ୍ ସମସ୍ୟା ବେଳେ ସେମାନେ ନିଜ ବନ୍ଧୁ କିମ୍ବା ପଡ଼ୋଶୀଙ୍କୁ ମନେ ପକାନ୍ତି। ୧୧% ପିଲା ଯେତେ ଶୀଘ୍ର ସମ୍ଭବ ଘରେ ପହଂଚିବାକୁ ଚେଷ୍ଟା କରନ୍ତି। ୫୦% ଅଭିଭାବକ ଭାବନ୍ତି ଯେ ପିଲାମାନେ ତାଙ୍କ ପାଖରେ ବ୍ୟକ୍ତିଗତ ଭାବେ ପହଂଚିବା ଜରୁରୀ ନୁହେଁ। ୨୮% ପିଲା ନିଜ ପିତାମାତାଙ୍କ ଲାଗି ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ବୀମା କିଣିଛନ୍ତି। ୪୭% ପିଲା ନିଜ ପିତାମାତାଙ୍କ ମେଡିକାଲ୍ ଖର୍ଚ୍ଚ ଲାଗି ଆର୍ଥିକ ଯୋଜନା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଏହି ସର୍ବେକ୍ଷଣ ଲାଗି ୨୦୦୦ ଅଭିଭାବକଙ୍କୁ ସାମିଲ କରାଯାଇଥିଲା ଯେଉଁଥିରେ ୯୧୮ ଜଣ ଉତର ଦେଇଛନ୍ତି।

## ନେଉଳପୁରରେ ପୀର ବାବାଙ୍କ ଚାଦର ଅନାବରଣ କାର୍ଯ୍ୟକ୍ରମ

ଧର୍ମଶାଳା ୧୪।୧ (ପି.ଏନ୍) : ଧର୍ମଶାଳା ବ୍ଲକ ଅନ୍ତର୍ଗତ ନେଉଳପୁର ଠାରେ ସଂଖ୍ୟା ଲଘୁ ମୁସଲିମ୍ ସମ୍ପ୍ରଦାୟର ଦୁଇ ଗୋଷ୍ଠୀର ମିଳିତ ଉଦ୍ୟମରେ ଆଜି ଏକ ବିଶାଳ ପଦଯାତ୍ରା ଦୀର୍ଘ ଦୁଇ କିଲୋମିଟର ପାଦରେ ଚାଲି ଚାଲି ଯିବା ପରେ ଜିନ୍ଦେୱାଲି ପୀର ବାବାଙ୍କ ଆସନରେ ଚାଦର ଚଢ଼ା ଅନବରଣ କରାଯାଇଥିଲା। ଏହି ଅନାବରଣ କାର୍ଯ୍ୟକ୍ରମରେ ସର୍ଦ୍ଦାର ଏସ୍.କେ ସବାନି, ଅଶ୍ରମ ଅଲ୍ଲି, ଜସିମ୍ ଉର୍ଦ୍ଦିନ୍, ସଂଜୀବ କୁମାର ଜେନା ଯୋଗଦେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ନେଉଳପୁର ସରପଞ୍ଚ ଦିବାକର ବେହେରା ଯୋଗଦେଇ ହିନ୍ଦୁ ଓ ମୁସ୍‌ଲିମ୍ ସମ୍ପ୍ରଦାୟର ସଦ୍‌ଭାବନା ଆଧାତ୍ମିକତାର ନିଖୁଣ ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ମୁସଲମାନ ଓ ହିନ୍ଦୁ ସମ୍ପ୍ରଦାୟର ଜନସାଧାରଣ ସାମିଲ ହୋଇଥିଲେ। ଏହି ବିଶାଳ ପଦଯାତ୍ରାକୁ ଶହ ଶହ ସଂଖ୍ୟାରେ ଉପଭୋଗ କରିଥିଲେ।

## ଜିଲ୍ଲା କ୍ରିକେଟ୍ ଆସୋସିଏସନର ଖେଳାଳୀ ଚୟନ ବୈଠକ

କେନ୍ଦ୍ରାପଡ଼ା,(ପିଏନ)- କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ୍‌ର ୧୬ ବର୍ଷ ଓ ୧୯ ବର୍ଷ ବର୍ଗର ଖେଳାଳୀ ଚୟନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓଡିଶା କ୍ରିକେଟ୍ ଆସୋସିଏନ୍ ତରଫରୁ ଜୁନିୟର ଓ ସିନିୟର ଟୁର୍ଣ୍ଣାମେଂଟ୍ ଆୟୋଜନ କରାଯିବା ସହ ୧୬ ବର୍ଷ ଓ ୧୯ ବର୍ଷ ବର୍ଗର ଖେଳାଳୀ ଚୟନ କରାଯିବ। କେନ୍ଦ୍ରାପଡା ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ସହ ଅନୁବନ୍ଧିତ କ୍ଲବ ମଧ୍ୟରୁ ଯେଉଁ କ୍ଲବ୍ ଭାଗନେବାକୁ ଚାହିଁବେ ସେମାନେ ଜୁନିୟର ବର୍ଗର ଜାନୁଆରୀ ୧୩ ତାରିଖ ସୁଦ୍ଧା ଓ ସିନିୟର ବର୍ଗର ଜାନୁଆରୀ ୩୧ ତାରିଖ ସୁଦ୍ଧା ସଂପାଦକ ସୁବାଶିଷ ସେନାପତି ଓ ସଭାପତି ଦେବେନ୍ଦ୍ର ଶର୍ମାଙ୍କ ସହିତ ଯୋଗାଯୋଗ କରିବାପାଇଁ ଅନୁରୋଧ କରାଯାଇଛି।

## ଏୟାର ଷ୍ଟ୍ରିପକୁ ରାସ୍ତା ନିର୍ମାଣ ନିମନ୍ତେ ଜମି ଅଧିଗ୍ରହଣ ନେଇ ଜନ ଶୁଣାଣୀ

ଜୟପୁର: ଜୟପୁର ଏୟାରଷ୍ଟ୍ରିପ ସଂଯୋଗ ଜାତୀୟ ରାଜପଥ ନଂ ୨୬ ରାସ୍ତାର ବିକାଶ ପାଇ ଜମି ଅଧିଗ୍ରହଣ କରାଯିବ। ଏନେଇ ଜୟପୁର ବ୍ଲକ ଅନ୍ତର୍ଗତ ସୌରାଗୁଡା ସିରିଡି ମନ୍ଦିର ନିକଟରେ ଜମିଅଧିଗ୍ରହଣ ନେଇ ଜନ ଶୁଣାଣୀ ହୋଇଛି। ଆଜି ଜନ ଶୁଣାଣିରେ ଉପ ଜିଲାପାଳ ଲୋକନାଥ ଦଳବେହେରା, ବିଡିଓ ସୁରଜ କୁମାର ପଟ୍ଟନାୟକ, ରାସ୍ତା ଓ ଗୃହ ବିଭାଗ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ବିଜୟ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷ ଇଶ୍ୱର ବାଘ, ସରପଂଚ ବୈଦନାଥ ନାୟକ ଏବଂ ନବକୃଷ୍ଣ ଚୌଧୁରି ଉନ୍ନୟନ ଗବେଷଣା କେନ୍ଦ୍ର ର କର୍ମଚାରି ମାନେ ଉପସ୍ଥିତ ରହିଥିଲେ। କୋରାପୁଟ ଜିଲାର ବେସରକାରୀ ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ ଜନ ଶୁଣାଣି ହୋଇଥିଲା। ୧ କିମି ବିଶିଷ୍ଟ ରାସ୍ତାର ଉନ୍ନତି କରିବା ନେଇ ୩.୩୨୦ ଏକର ଘରୋଇ ଜମିକୁ ଅଧିଗ୍ରହଣ କରାଯିବ। ଏନେଇ ଏସଆଇଏ ୟୁନିଟ ସର୍ଭେ କରି ଫେରିଛନ୍ତି। ଏହି ରାସ୍ତା ଡବଲ ଲାଇନ ୬୬ ଫୁଟ୍ ଚଉଡା ରାସ୍ତା ହେବ। ଶୁଣାଣିରେ ୩.୩୨୦ ଏକର ଜମି ୮ ଜଣ ମାଲିକଙ୍କ ନାମରେ ରହିଥିବା ଜଣାପଡିଥିଲା।

## ହିରୋ ମୋଟୋସ୍ପୋର୍ଟସ ଟିମ ର୍‍ୟାଲି ର ଷ୍ଟେଜ ୫ ରେ ସ୍ଥିତି ମଜବୁତ

ଭୁବନେଶ୍ୱର : ହିରୋ ମୋଟୋସ୍ପୋର୍ଟସ ଟିମ ର୍‍ୟାଲି ର ଷ୍ଟେଜ ୫ ରେ ପ୍ରଦର୍ଶନ ସହ ସ୍ଥିତି ମଜବୁତ ହୋଇଛି। ଏହି ଷ୍ଟେଜ ରେ ପ୍ରତିଯୋଗୀ ମାନେ ୩୫୩ କିମି ସ୍ୱତନ୍ତ୍ର ରାସ୍ତା ଅତିକ୍ରମ କରିଥିଲେ। ପାଓଲୋ ଗୋନକ୍ଲେଭସ ଉତମ ପ୍ରଦର୍ଶନ କରି ଶୀର୍ଷ ୧୦ମ ସ୍ଥାନ ଅକ୍ତିଆର କରିଛନ୍ତି। ଏହି ଷ୍ଟେଜରେ ସେବାଷ୍ଟିନ ବୁହ୍ଲର ୨୧ତମ ସ୍ଥାନ ଅର୍ଜନ କରିଛନ୍ତି।

ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରି ସନ୍ତୋଷ ୩୭ତମ ସ୍ଥାନ ଅକ୍ତିଆର କରିଥିବା ବେଳେ ଜୋକ୍ୱିମ ରୋଡ୍ରିଗସ ଦୁର୍ଘଟଣା ଗ୍ରସ୍ତ ହୋଇ ୨୫ତମ ସ୍ଥାନରେ ରହିଛନ୍ତି।

## ଭିଟସ ଭୁବନେଶ୍ୱର ପକ୍ଷରୁ ଏକ୍ସୋଟିକ ସିଫୁଡ ଫେଷ୍ଟିଭାଲ

ଭୁବନେଶ୍ୱର: ଭିଟସ ଭୁବନେଶ୍ୱର ପକ୍ଷରୁ ଏକ ଅଭୁତପୂର୍ବ ଡାଇନିଙ୍ଗ ଅନୁଭୁତି ପାଇଁ ବିଦେଶୀ ସିଫୁଡ ଫେଷ୍ଟିଭାଲ ଆୟୋଜିତ ହେବାକୁ ଯାଉଛି। ଏହି ଫେଷ୍ଟିଭାଲଟି ଭିଟସ୍ ରେଷ୍ଟୁରାଣ୍ଟ, ସିଜଲରେ ମଧାହ୍ନ ଭୋଜନ(ମଧାହ୍ନ ୧୨ ରୁ ଅପରାହ୍ନ ୩.୩୦ ପର୍ଯ୍ୟନ୍ତ) ଏବଂ ରାତ୍ରି ଭୋଜନ(ସଂଧ୍ୟା ୭.୩୦ରୁ ରାତି ୧୦.୩୦ ପର୍ଯ୍ୟନ୍ତ) ପାଇଁ ଆସନ୍ତା ୧୭ରୁ ୩୧ ଜାନୁଆରୀ ପର୍ଯ୍ୟନ୍ତ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଠାରେ ଲବଷ୍ଟର, କଙ୍କଡ଼ା, ଚିଙ୍ଗୁଡ଼ି ଏବଂ ମାଛକୁ ନେଇ ପ୍ରସ୍ତୁତ ଫ୍ରାଏଡ, ଗ୍ରୀଲଡ, କରି, ସସ ଏବଂ ତନ୍ଦୁରୀ ଷ୍ଟାଇଲ ଆଦିର ଏକ ବିଶାଳ ସିଫୁଡ ମହତ୍ସୋବ ଆପଣଙ୍କ ଅପେକ୍ଷାରେ ରହିଛି। ଏଠାରେ ଦୁଇଟି ମିଲର ମୂଲ୍ୟ ୭୦୦ ଟଙ୍କାରୁ ଆରମ୍ଭକରି ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି।



ଲାଇଭ କୁକିଙ୍ଗ ରୋଷେଇ ଅନୁଭୂତିକୁ ଆହୁରି ରୋମାଞ୍ଚମୟ କରିଦେଇଥାଏ। ସିଜଲଠାରେ ଥିବା ସମସ୍ତ ଶ୍ରେଷ୍ଠ ଖାଦ୍ୟ ସହିତ ଆପଣଙ୍କର ସ୍ୱାଦର ପିପାଷାକୁ ଅବାଧରେ ଉପଭୋଗ କରନ୍ତୁ। ଏହା ହେଉଛି ଏଭଳି ଏକ ମଞ୍ଚ ଯେଉଁଠାରେ ନନ-ଭେଜିଟେରିଆନ ରୋଷେଇର ସମୂହ ଗୋଟିଏ ସାଧାରଣ ସ୍ଥଳ ପାଇପାରିବେ। ସେଫ ସିତାରାମ ନାୟକ ଏହି ସିଫୁଡ ଗୁଡ଼ିକର ସ୍ୱାଦ ନେବାକୁ ପସନ୍ଦ କରିବେ ଯାହାକି ଆପଣଙ୍କ ପାଇଁ ଉପଯୁକ୍ତ ହେବ।

## ସେଫାଳି କାର୍ଯ୍ୟକ୍ରମ ଜରିଆରେ କୌଶଳ ବିକାଶ ପାଇଁ ଫେଡ୍‌କୋ ଜିତିଲା ସ୍କଚ୍ ପୁରସ୍କାର

ଭୁବନେଶ୍ୱର: ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗୋଷ୍ଠୀ ସଦସ୍ୟଙ୍କୁ ସଶକ୍ତ କରିବା ଲକ୍ଷ୍ୟ ନେଇ ଆରମ୍ଭ କରାଯାଇଥିବା ସେଫାଳି ଅଭିଯାନ ପାଇଁ ଫିଡ୍‌ବ୍ୟାକ୍ ଏନର୍ଜି ଡିଷ୍ଟ୍ରିବ୍ୟୁସନ କଂପାନି (ଫେଡ୍‌କୋ) କୌଶଳ ବିକାଶ ବର୍ଗରେ ସ୍କଚ୍ ଆୱାର୍ଡ ୨୦୨୦ ଜିତିଛି।

ଏହାର ପ୍ରୋତ୍ସାହନ ଭିତିକ ଅଭିଯାନ ସେଫାଳି (ସୋସାଇଟିଜ୍ ଏମ୍ପାୱାରମେଂଟ ଫର ଆସ୍ୟୁରିଂ ଲାଇଭଲିହୁଡ୍) କାର୍ଯ୍ୟକ୍ରମରେ ଫେଡ୍‌କୋ ତରଫରୁ ମିଟରିଂ, ବିଲିଂ ଏବଂ ଗ୍ରାହକଙ୍କ ଠାରୁ ବିଦ୍ୟୁତ ଶୁଳ୍କ ଆଦାୟ କରିବା ଲାଗି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଡବ୍ଲୁଏସଏଚଜି)ଗୁଡ଼ିକୁ ନିୟୋଜିତ କରାଯାଇଛି। ନିକଟରେ ନୂଆଦିଲ୍ଲୀ ଠାରେ ଆୟୋଜନ କରାଯାଇଥିବା ଫେଡ୍‌କୋ ଏକ ସମାରୋହରେ ସ୍ୱର୍ଣ୍ଣ ବର୍ଗରେ ଦକ୍ଷତା ବିକାଶ ପୁରସ୍କାର ସ୍କଚ୍ ପାଇଁ ହାସଲ କରିଛି। ସାମାଜିକ ଓ ଅର୍ଥନୈତିକ ସମସ୍ୟା ଉପରେ କାର୍ଯ୍ୟ କରୁଥିବା ଏକ ବିଶିଷ୍ଟ ଅନୁଷ୍ଠାନ ହେଉଛି ସ୍କଚ୍। ପ୍ରଶାସନ, ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧି, ପ୍ରଯୁକ୍ତି ଓ ପ୍ରୟୋଗରେ ଉନ୍ନତି, ପରିବର୍ତନ ପରିଚାଳନା, କର୍ପୋରେଟ ନେତୃତ୍ୱ, କର୍ପୋରେଟ ଗଭର୍ଣ୍ଣାସ, ନାଗରିକ ସେବା ପ୍ରଦାନ, ଦକ୍ଷତା ଗଠନ ଏବଂ ସଶକ୍ତୀକରଣ କ୍ଷେତ୍ରରେ କାର୍ଯ୍ୟ ଉତମ କାର୍ଯ୍ୟ କରିଥିବା କର୍ପୋରେଟ୍ ସଂସ୍ଥାଗୁଡ଼ିକୁ ସ୍କଚ୍ ସ୍ୱୀକୃତି ପ୍ରଦାନ କରୁଛି।

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ଢ଼ାଂଚାରେ ଫେଡ୍‌କୋ ସେଫାଳି ଅଭିଯାନକୁ ପ୍ରସ୍ତୁତ କରାଯାଇଛି। ଏକ ସଫଳ ମଡେଲ୍ ଯେଉଁଥିରେ ସରକାରୀ ନୀତି ଏବଂ ଘରୋଇ କ୍ଷେତ୍ରର କାର୍ଯ୍ୟକାରିତା ଜରିଆରେ ସାମାଜିକ ପରିବର୍ତନ ଏବଂ ପରିଚାଳନା ଦକ୍ଷତାରେ ଏହା ଶ୍ରେଷ୍ଠ ଫଳାଫଳ ହାସଲ କରିବାକୁ ନିଶ୍ଚିତ କରୁଛି। ୨୦୧୩ରେ କଂପାନିର ନୟାଗଡ଼ ବିଦ୍ୟୁତ ଖଣ୍ଡରୁ ସେଫାଳିର ଶୁଭାରମ୍ଭ ହୋଇଥିଲା ଯେଉଁଠାରେ ସ୍ଥାନୀୟ ମହିଳାଙ୍କୁ ନେଇ ଗଠନ କରାଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ନିୟୋଜିତ କରିବା ପରେ ବିଦ୍ୟୁତ ବଂଟନ କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ହାସଲ କରାଯାଇଛି। ସମାରୋହରେ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିବା ଫେଡ୍‌କୋର ସିଇଓ ଶ୍ରୀଯୁକ୍ତ ସମରଜିତ ମହାନ୍ତି କହିଛନ୍ତି ଯେ, "ଫେଡ୍‌କୋର ସହଯୋଗ ଏବଂ ସହାୟତାରେ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟ କରିଥିବା ସମସ୍ତ ମହିଳା ଏସଏଚଜିଗୁଡ଼ିକ ତରଫରୁ ଏହି ପୁରସ୍କାରକୁ ଗ୍ରହଣ କରିବା କଂପାନି ଲାଗି ଗର୍ବର ବିଷୟ।''

"ଡବ୍ଲୁଏସଏଚଜିକଙ୍କୁ ସଶକ୍ତ ଏବଂ ସାମାଜିକ ସଂଗ୍ରହ ଜରିଆରେ ସମାଜରେ ପରିବର୍ତନ ଆଣିବା ଏବଂ ଆମର ବିଦ୍ୟୁତ ଗ୍ରାହକମାନଙ୍କୁ ଭିନ୍ନ ଏବଂ ପ୍ରତିକ୍ରିୟାଶୀଳ ସେବା ଅନୁଭୂତି ପ୍ରଦାନ କରିବା ଦିଗରେ ଆମର ଉଦ୍ୟମ ପାଇଁ ସ୍କଚ୍ ପୁରସ୍କାର ହେଉଛି ସର୍ବୋଚ୍ଚ ସ୍ୱୀକୃତି। ଗ୍ରାହକଙ୍କ ସମସ୍ୟା ବୁଝିବା ଲାଗି ମହିଳା ଏସଏଚଜିଗୁଡ଼ିକୁ ନିୟମିତ ଭାବେ ତାଲିମ ପ୍ରଦାନ ଭଳି ସହାୟତା ପ୍ରଦାନ କରି ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଏକ ଚିନ୍ତାମୁକ୍ତ ଅନୁକୂଳ ପରିବେଶ ପ୍ରଦାନ କରିବା ଏବଂ ଆଗକୁ ବଢ଼ିବା ଓ ସାମାଜିକ ଓ ଆର୍ଥିକ ସ୍ତରରେ ଅଧିକ ସଶକ୍ତ କରିବା ଲାଗି ସହାୟତା ପ୍ରଦାନ କରୁଥିବାରୁ ଆମେ ବହୁତ ଖୁସି ବୋଲି ଫେଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ଦେବତୋଷ ଚର୍ତୁବେଦୀ କହିଛନ୍ତି। ଏସଏଚଜି ଦଳଗୁଡ଼ିକୁ ଦୈନିକ ଭିତିରେ ସହାୟତା ପ୍ରଦାନ କରିବା ଲାଗି ଫେଡ୍‌କୋ ପକ୍ଷରୁ ସାମାଜିକ ବିଶେଷଜ୍ଞମାନଙ୍କୁ ନେଇ ଏକ ଏସଏଚଜି ପରିଚାଳନା ଟିମ୍ ଗଠନ କରାଯାଇଛି। ସମୀକ୍ଷା ବୈଠକ ଓ ଏସଏଚଜିଗୁଡ଼ିକ ସହିତ ଆଲୋଚନା ଜରିଆରେ ଏହି ଟିମ ସେମାନଙ୍କୁ ନିରୀକ୍ଷଣ, ମାର୍ଗଦର୍ଶନ, ଉତ୍ସାହିତ ଏବଂ ସହାୟତା ପ୍ରଦାନ କରୁଛି ଯାହାର ପ୍ରମୁଖ ଲକ୍ଷ୍ୟ ହେଉଛି ଉତ୍ପାଦକତା ବଢ଼ାଇବା। ବିଲିଂ ଏବଂ କଲେକ୍ସନ ପାଇଁ ୧୩୯ ମହିଳା ଏସଏଚଜିଗୁଡ଼ିକ ଜରିଆରେ ସ୍ଥାନୀୟ ସମାଜ ସହିତ ଫେଡ୍‌କୋର ସଂପୃକ୍ତି ଯୋଗୁଁ କଂପାନି ଏହାର କଲେକ୍ସନରେ ଉନ୍ନତି ଆଣିଛି।

## ଏନ୍‌ସିଆର୍‌ବିର ରେକର୍ଡ ଅନୁଯାୟୀ ପ୍ରତି ଦିନ ଭାରତୀୟ ଶିଶୁ ୩୮୮ଟି ଅପରାଧର ଶିକାର ହେଉଛନ୍ତି

ଭୁବନେଶ୍ୱର: ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନସିଆରବି)ର ତଥ୍ୟରୁ ଜଣାପଡ଼ିଛି ଯେ ୨୦୧୮ରେ ଭାରତୀୟ ଶିଶୁମାନେ ୧ ଲକ୍ଷ ୪୦ ହଜାର ଅପରାଧର ଶିକାର ହୋଇଛନ୍ତି। ଅର୍ଥାତ ପ୍ରତିଦିନ ସେମାନ ବିରୋଧରେ ୩୮୮ ଅପରାଧ ଘଟିଛି। ୨୦୨୦ ଜାନୁଆରି ୯ରେ ଏନସିଆରବିର ଏହି ସଦ୍ୟତମ ତଥ୍ୟ ପ୍ରକାଶ ପାଇଥିଲା। ୨୦୦୮-୨୦୧୮ର ଦଶନ୍ଧୀ ଭିତରେ ଶିଶୁମାନଙ୍କ ବିରୋଧରେ ଅପରାଧ ପରିମାଣରେ ୫୦୦% ଭଳି ବୃଦ୍ଧି ଘଟିଛି। ୨୦୦୮ରେ ଏଭଳି ମାମଲା ପରିମାଣ ୨୨,୫୦୦ ଥିଲା ଯାହା ୨୦୧୮ ସୁଦ୍ଧା ୧୪୧୭୬୪କୁ ବୃଦ୍ଧି ପାଇଛି। ୨୦୧୭-୧୮ ଭିତରେ ଶିଶୁମାନଙ୍କ ବିରୋଧରେ ଅପରାଧ ପରିମାଣ ୧୦% ବଢ଼ିଛି। ସେହି ସମୟରେ ଦେଶରେ ମୋଟ ଅପରାଧରେ ୧.୪%ର ବୃଦ୍ଧି ଘଟିଛି। ଶିଶୁଙ୍କ ବିରୋଧରେ ହସ୍ତକ୍ଷେପ ଯୋଗ୍ୟ ଅପରାଧରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଏକ ଲକ୍ଷ ପିଲାମାନଙ୍କ ମଧ୍ୟରେ ଏହି ହାର ୨୮.୯ରୁ ବୃଦ୍ଧି ପାଇ ୩୧.୮ରେ ପହଂଚିଛି। କ୍ରାଏ - ଚାଇଲଡ ରାଇଟସ୍ ଆଣ୍ଡ୍ ୟୁ ପକ୍ଷରୁ ଏନସିଆରବିର ତଥ୍ୟକୁ ପୁନଃ ଅନୁଶୀଳନ କରିବା ପରେ ଜଣାପଡ଼ିଛି ଯେ, ଶିଶୁମାନଙ୍କ ବିରୋଧରେ ଘଟୁଥିବା ଅପରାଧଗୁଡ଼ିକ ମଧ୍ୟରୁ ଅପହରଣ ଏବଂ ମୁଣ୍ଡ ଜାମିନ ସର୍ବୋଚ୍ଚ ସ୍ତରରେ ରହିଛି। ଏହି ବର୍ଷ ୬୨,୬୬୮ ଅପହରଣ ଏବଂ ମୁଣ୍ଡଜାମିନ ମାମଲା ଦାୟର ହୋଇଥିଲା। ୨୦୧୭ ତୁଳନାରେ ଏଥିରେ ୧୫.୭%ର ବୃଦ୍ଧି ଘଟିଛି। ଶିଶୁଙ୍କ ବିରୋଧରେ ଯୌନ ଅପରାଧକୁ ନେଇ ହେଉଥିବା ଅପରାଧକୁ ନେଇ ବର୍ଷକ ଭିତରେ ୩୯,୮୨୭ ମାମଲା ଦାୟର କରାଯାଇଛି। ଆଇପିସିର ଧାରା ୩୭୬ ଅନୁଯାୟୀ ୯୩୧୨ଟି ଧର୍ଷଣ ମାମଲା ଦାୟର କରାଯାଇଛି। ଶିଶୁଙ୍କ ବିରୋଧରେ ଘଟିଥିବା ଅପରାଧ ମଧ୍ୟରୁ ୪୪% ଅପହରଣ ଏବଂ ମୁଣ୍ଡଜାମିନ ହୋଇଥିବା ବେଳେ ୨୮% ପୋକସୋ ନିୟମ, ୭% ଧର୍ଷଣ, ୬% ମହିଳାଙ୍କ ସମ୍ମାନକୁ କ୍ଷୁର୍ଣ୍ଣ କରିବା ଉଦ୍ଦେଶ୍ୟରେ ଅପରାଧ, ୨ ସାଧାରଣ ଆଘାତ, ୧% ନାବାଳିକ ଅପରାଧ, ୧% ହତ୍ୟା ଓ ୧୧% ଅନ୍ୟାନ୍ୟ। ଏହି ତଥ୍ୟ ସମ୍ପର୍କରେ କ୍ରାଏ-ଚାଇଲଡ ରାଇଟସ୍ ଆଣ୍ଡ୍ ୟୁର ପଲିସି ରିସର୍ଚ ଆଣ୍ଡ ଆଡଭୋକେସି ଡାଇରେକ୍ଟର ପ୍ରୀତି ମାହାରା କହିଛନ୍ତି ଯେ, "ଗୋଟିଏ ପଟେ ପିଲାମାନଙ୍କ କ୍ଷେତ୍ରରେ ବୃଦ୍ଧି ପାଉଥିବା ଅପରାଧ ଚିନ୍ତାଜନକ ହୋଇଥିବା ବେଳେ ଏଭଳି ମାମଲାଗୁଡ଼ିକ ସାମ୍ନାକୁ ଆସିବା ସଂଖ୍ୟାରେ ଘଟୁଥିବା ଉନ୍ନତି ଏକ ସକାରାତ୍ମକ ଲକ୍ଷଣ। ଲୋକମାନଙ୍କ ଭିତରେ ସଚେତନତାରେ ଘଟିଥିବା ବୃଦ୍ଧିକୁ ଏହା ଦର୍ଶାଉଛି। ସରକାର କେଉଁ ପଦକ୍ଷେପ ଗ୍ରହଣ କରିବା ଏବଂ ପ୍ରମାଣ ଯୋଗାଡ଼ କରିବା ଲାଗି ଦିଗ ପ୍ରଦାନ କରିବାରେ ଏହା ସହାୟକ ହେଉଛି। ଶିଶୁମାନଙ୍କ ସୁରକ୍ଷାକୁ ନେଇ ଅନେକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଆହୁରି ଅଧିକ ପଦକ୍ଷେପର ଆବଶ୍ୟକତା ରହିଛି।"ରାଜ୍ୟଗୁଡ଼ିକ ମଧ୍ୟରେ ଉତର ପ୍ରଦେଶ, ମଧ୍ୟ ପ୍ରଦେଶ, ମହାରାଷ୍ଟ୍ର, ଦିଲ୍ଲୀ ଓ ବିହାର ଭଳି ପାଂଚଟି ରାଜ୍ୟରେ ଶିଶୁମାନଙ୍କ ବିରୋଧ ଘଟିଥିବା ୫୧% ମାମଲା ରହିଛି। ୧୯,୯୩୬ ମାମଲା ସହ ଉତର ପ୍ରଦେଶ ଏକ ନମ୍ବର ସ୍ଥାନରେ ରହିଛି। ଜାତୀୟ ହାର ୩୧.୮ ଅନୁସାରେ ତୁଳନା କଲେ ଦିଲ୍ଲୀ ଶିଶୁ ବିରୋଧୀ ଅପରାଧ ହାର ସର୍ବାଧିକ ୧୪୭.୨ ରହୁଛି। ସେଲଟର ହୋମ୍‌ରେ ଶିଶୁମାନେ ସୁରକ୍ଷିତ ନଥିବା ଏହି ରିପୋର୍ଟ ଦର୍ଶାଉଛି। ସେଲଟର ହୋମ୍‌ର ଶିଶୁ ଏବଂ ମହିଳାଙ୍କ କ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡ଼ନ ମାମଲାରେ ୩୦% ବୃଦ୍ଧି ଘଟି ୨୦୧୮ରେ ୭୦୭ରେ ପହଂଚିଛି। ୨୦୧୭ରେ ଏଭଳି ମାମଲା ସଂଖ୍ୟା ୫୪୪ ଥିଲା। ୨୦୧୮ରେ ମୋଟ ୬୭,୧୩୪ ଶିଶୁ ନିଖୋଜ ହୋଇଛନ୍ତି।

## ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସମିତି ଦ୍ୱାରା ଜାତୀୟ ଯୁବ ଦିବସ ପାଳିତ

ଭୁବନେଶ୍ୱର, (ପିଏନ)- ଭାରତର ମହାନ ସମାଜ ସଂସ୍କାରକ, ବିଚାରକ ଏବଂ ଦାର୍ଶନିକ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ସାରା ଦେଶରେ 'ଯୁବଶକ୍ତିର ଜାଗରଣରେ ଜାତୀୟ ବିକାଶ' ଅନୁଚିନ୍ତାକୁ ନେଇ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଏହି ଅବସରରେ ଓଡିଶା ରାଜ୍ୟ ଏଡ୍‌ସ୍ ନିୟନ୍ତ୍ରଣ ସମିତି (ଓସାକ୍ସ) ଦ୍ୱାରା ସ୍ଥାନୀୟ ଇଡକଲ ଅଡିଟୋରିଅମଠାରେ ଜାତୀୟ ଯୁବ ଦିବସ - ୨୦୨୦ ପାଳିତ ହୋଇଯାଇଛି।

ରାଜ୍ୟସ୍ତରୀୟ ସଭାରେ ଭୁବନେଶ୍ୱରର ଲୋକ ପ୍ରତିନିଧି ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲାବେଳେ, ନର୍ସିଂଗର ଅତିରିକ୍ତ ନିର୍ଦ୍ଦେଶକ ଡ. ରାମଚନ୍ଦ୍ର ରାଉତ, ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ଗୁହା ପୁନମ ତାପସ କୁମାର, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଂଯୁକ୍ତା ସାହୁ, ଏବଂ ଅନ୍ୟ ମାନ୍ୟଗଣ ବ୍ୟକ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜେନା କହିଥିଲେ ଯେ ଭାରତର ସବୁ କ୍ଷେତ୍ରରେ ଯୁବଗୋଷ୍ଠି ସର୍ବାଗ୍ରେ ରହିଥାନ୍ତି, ସେ ସ୍ୱତନ୍ତ୍ରତା ହେଉ ବା ବିକାଶ କ୍ଷେତ୍ରରେ ହେଉ ସବୁ କ୍ଷେତ୍ରରେ ଯୁବଗୋଷ୍ଠିଙ୍କ ଭୂମିକା ଅତ୍ୟନ୍ତ ଗୁରତ୍ୱପୂର୍ଣ୍ଣ ଏବଂ ପ୍ରଶଂସନୀୟ। ସେ କହିଥିଲେ ଯେ ନିଜର ଆଖପାଖରେ ଥିବା ଲୋକମାନଙ୍କ ସହିତ ନିରନ୍ତର ସଂପର୍କରେ ରୁହନ୍ତୁ ଏବଂ ଏଚ.ଆଇ.ଭି./ଏଡସ୍ ଭଳି ସଂକ୍ରମଣ ବିଷୟରେ ସଚେନତ କରାନ୍ତୁ। ୨୦୩୦ ସୁଦ୍ଧା ଦେଶକୁ ଏଡସ୍ ମୁକ୍ତ କରିବା ଲକ୍ଷ୍ୟ ହାସଲ ପାଇଁ ପ୍ରଥମେ ରାଜ୍ୟକୁ ଏଡସ୍ ମୁକ୍ତ କରାଯିବ। ଏ ଦିଗରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ନିରନ୍ତର ଉଦ୍ୟମ ପ୍ରଶଂସନୀୟ। ଦେଶର ପ୍ରତ୍ୟେକ କ୍ଷେତ୍ରରେ ଯୁବଗୋଷ୍ଠୀ ନିଜର ପ୍ରମୁଖ ଯୋଗଦାନ ଦେଉଛନ୍ତି। ଏ କ୍ଷେତ୍ରରେ ମଧ୍ୟ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେମାନେ ନିଜ ଶାରିରୀକ ସୁସ୍ଥତା ପ୍ରତି ଆହୁରୀ ଅଧିକ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନା କରିବାର କର୍ତବ୍ୟ ସଂପାଦନ କରିବାର ଆବଶ୍ୟକତା ରହିଛି।

ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ଡ. ରାମଚନ୍ଦ୍ର ରାଉତ କହିଥିଲେ ଯେ ଦେଶର ଯୁବଗୋଷ୍ଠୀ ଦେଶକୁ ବିକାଶ ଦିଗରେ ଅଗ୍ରସର କରାଇବା ପାଇଁ ନିରନ୍ତର ପ୍ରଚେଷ୍ଟା କରିବାର ଆବଶ୍ୟକତା ରହିଛି। ଦେଶ ନିର୍ମାଣ କ୍ଷେତ୍ରରେ ଯୁବଗୋଷ୍ଠୀ ନିଜର ଭୂମିକାକୁ ନେଇ ନିଶ୍ଚିତ ରୂପେ ସଂଯମ ଅଛନ୍ତି। ସେମାନେ ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶ ପ୍ରସଙ୍ଗକୁ ଉଦାହରଣ ଦେଇ କହିଥିଲେ ଯେ ବିବେକାନନ୍ଦଙ୍କ ଭଳି ନିଜର ସାମର୍ଥ୍ୟ ଏବଂ ଜ୍ଞାନକୁ ଉଦଭାବନ କରନ୍ତୁ। ଦେଶକୁ ବିକାଶ ଦିଗରେ ଅଗ୍ରସର କରିବା ପାଇଁ ନିଜେ ଜଣେ ସୁନାଗରିକର କର୍ତବ୍ୟ ସଂପାଦନ କରନ୍ତୁ।

ଓସାକ୍ସର ପ୍ରକଳ୍ପ ନିର୍ଦ୍ଦେଶକ ତଥା ସଭାର ସଭାପତି ଶ୍ରୀମତୀ ଗୁହା ପୁନମ ତାପସ ଏହି ଅବସରରେ କହିଥିଲେ ଯେ ଯୁବଗୋଷ୍ଠି ସଚେତନ ହେଲେ ଏଚ.ଆଇ.ଭି. ଭଳି ସଂକ୍ରମଣ ରାଜ୍ୟରେ ନିଜର ପାଦ୍ୱଭାବ ବୃଦ୍ଧି କରିପାରିବ ନାହିଁ ଏବଂ ଆମେ ଅତି ସହଯରେ ୨୦୩୦ ସୁଦ୍ଧା ଏଡସ୍‌ର ମୂଳୋତ୍ପାଟନ ପାଇଁ ମିଳିତ ଜାତିସଂଘର ଲକ୍ଷ୍ୟ ହାସଲରେ ଏକ ବିରାଟ ଯୋଗଦାନ ଦେଇପାରିବା। ରାଜ୍ୟର ପ୍ରତ୍ୟେକ ସରକାରୀ ଡାକ୍ତରଖାନାରେ ଆଇ.ସି.ଟି.ସି କେନ୍ଦ୍ର ଜରିଆରେ ବିନା ମୂଲ୍ୟରେ ଏଚ.ଆଇ.ଭି. ପରୀକ୍ଷା କରାଯାଉଥିଲା ବେଳେ ଗ୍ରାମାଂଚଳ ପର୍ଯ୍ୟନ୍ତ ଏହି ପରୀକ୍ଷା ଭିଏଚଏନଡି ସ୍ତରକୁ ବିସ୍ତାର କରାଯାଇଛି। ଏଥିସହିତ ବିଭିନ୍ନ ଏନଜିଓ ମାଧ୍ୟମରେ ଏଚଆରଜି ମାନଙ୍କୁ ମଧ୍ୟ ସଚେତନ ଏବଂ ପରୀକ୍ଷା କରାଯାଉଛି। ସଚେତନତା ଓ ଏଚ.ଆଇ.ଭି. ପରୀକ୍ଷା କାର୍ଯ୍ୟକ୍ରମକୁ ଆହୁରୀ ବ୍ୟାପକ କରିବା ପାଇଁ ଓସାକ୍ସ, ୨୦ଟି କଂପାନୀମାନଙ୍କ ସହିତ ବୁଝାମଣା ସ୍ୱାକ୍ଷରୀତ କରିଛି। ରାଜ୍ୟରେ ବର୍ତମାନ ୫୦,୨୨୮ ହଜାରରୁ ଉର୍ଦ୍ଧ୍ୱ ଏଚ.ଆଇ.ଭି. ସଂକ୍ରମିତ ବ୍ୟକ୍ତି ଥିବାବେଳେ, ୧୫-୩୫ ବର୍ଷ ବୟସର ଯୁବଗୋଷ୍ଠିଙ୍କ ମଧ୍ୟରେ ସଂକ୍ରମଣ ହାର ୪୧ ପ୍ରତିଶତ ରହିଛି। ସେ କହିଥିଲେ ଯେ ଯୁବବର୍ଗ ନିଜ ଭିତରେ ସଂଯମତା ଓ ବିଶ୍ୱାସନୀୟତା ଦ୍ୱାରା ଏଥିରୁ ନିଜକୁ ଦୂରେଇ ରଖିପାରିବେ। ଯୁବବର୍ଗ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରାଇ ପାରିଲେ ଜଣେ ସୁନାଗରିକ ତଥା କର୍ତବ୍ୟନିଷ୍ଠ ନାଗରିକ ଭାବେ ନିଜକୁ ପ୍ରତିପାଦନ କରିପାରିବେ। ସ୍ୱାମୀ ବିବେକାନନ୍ଦଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ଯୁବକ ଯୁବତୀଙ୍କୁ କାର୍ଯ୍ୟ କରିବା ପାଇଁ ସେ ପ୍ରବର୍ତାଇଥିଲେ।

ଓଡ଼ିଶାର ଯୁବପିଢି ସ୍ୱାସ୍ଥ୍ୟ କ୍ଷେତ୍ରରେ ତାଙ୍କର ସକାରାତ୍ମକ ଭୂମିକା ପ୍ରଦର୍ଶନ କରିବାର ଆବଶ୍ୟକତାକୁ ଦେଖି ରାଜ୍ୟର ବିଭିନ୍ନ କଲେଜରେ ଓସାକ୍ସ ତରଫରୁ ରେଡକ୍ରସ ସୋସାଇଟି ସହଯୋଗରେ ପାଖାପାଖି ୬୪୦ ରେଡ ରିବନ କ୍ଲବ ଖୋଲାଯାଇଛି। ୨୦୧୯-୨୦ ମସିହାରେ ସମୁଦାୟ ୨୪୬୭ ନୂତନ ସଂକ୍ରମଣ ମଧ୍ୟରୁ ୯୧୬ ଜଣ ଯାହାକି ୪୦ ପ୍ରତିଶତ ହେଉଛନ୍ତି ଯୁବବର୍ଗ। ଏହା ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ଏଚ.ଆଇ.ଭି/ଏଡସ୍ କ୍ଷେତ୍ରରେ ସଚେତନ କରାଯିବା ସହିତ ସମାଜ ପ୍ରତି ନିଜର କର୍ତବ୍ୟକୁ ଠିକ ଭାବେ ସଂପାଦନ କରିବା ପାଇଁ ବିଭିନ୍ନ ସଚେତନତାଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି।

ଏହି କାର୍ଯ୍ୟକ୍ରମରେ ଓସାକ୍ସର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଡକ୍ଟର ସଂଯୁକ୍ତା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପରିବର୍ତନର ବାହକ, ରାଜ୍ୟ ତଥା ଦେଶର ଭବିଷ୍ୟତ ଭାବେ ଅଭିହିତ କରି କହିଥିଲେ ଯେ ଯୁବଗୋଷ୍ଠୀ ଯେତେବେଳେ କୌଣସି କାର୍ଯ୍ୟକୁ ନିଜ ହାତକୁ ନିଅନ୍ତି ସେହି କାର୍ଯ୍ୟ ନିଶ୍ଚିତ ରୂପେ ସଫଳ ହୋଇଥାଏ।

ସ୍ୱାମୀଜୀଙ୍କୁ ପ୍ରବାଦ ପୁରୁଷ ଏବଂ ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଜୀବନର ଚଲାପଥରେ ନିର୍ଭିକ, କର୍ତବ୍ୟନିଷ୍ଠ ଏବଂ ସୁନାଗରିକ ଭାବେ ଦେଶ ପ୍ରତି ନିଜର କର୍ତବ୍ୟ ସଂପାଦନ କରିବାର ଆହ୍ୱାନ କରି ଯୁଗ୍ମ ସଚିବ ଶ୍ରୀମତୀ ରଂଜିତା ବେହେରା ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ବିଭିନ୍ନ କଲେଜର ଛାତ୍ରଛାତ୍ରୀ ଏବଂ ରେଡ ରିବନ କ୍ଲବର ସଦସ୍ୟମାନଙ୍କ ମଧ୍ୟରେ ବର୍ଜ୍ୟବସ୍ତୁରେ ନିର୍ମିତ ବିଭିନ୍ନ ସାଜସଜ୍ଜା ସାମଗ୍ରୀ, ବକ୍ତୃତା, କୁଇଜ୍, ଝୋଟି ଏବଂ ରଂଗୋଲି ଆଦି ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନୀତ କରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଯୁଗ୍ମ ସଚିବ ଡ. ଅଂଜନା ପଣ୍ଡା, ଯୁଗ୍ମ ସଚିବ ଡ. ଲଲାଟେନ୍ଦୁ ନାୟକ, ପ୍ରତିଷ୍ଠାନ ଅଧିକାରୀ ଶୁଭେନ୍ଦୁ ପଟନାୟକ ଏବଂ ଓସାକ୍ସ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଖେଳ



ପର୍ଯ୍ୟବେକ୍ଷକ

PARYABEKHYAK



Bhubaneswar Thursday January 23 ଭୁବନେଶ୍ବର ଗୁରୁବାର, ଜାନୁଆରୀ ୨୩ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com ୮


## ୱେଷ୍ଟର୍ଣ୍ଣ ୟୁନିୟନ ଏବଂ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କ ମଧ୍ୟରେ ସହବନ୍ଧିତା

ଭୁବନେଶ୍ବର: କ୍ରସ ବର୍ଡର ତଥା ବିଦେଶୀ ମୁଦ୍ରା (କ୍ରସ-କରେନ୍ସି) ନେଣଦେଣ କ୍ଷେତ୍ରରେ ଅଗ୍ରଣୀ କମ୍ପାନୀ, ୱେଷ୍ଟର୍ଣ୍ଣ ୟୁନିୟନ ଏବଂ ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ମଧ୍ୟରେ ଏକ ସହବନ୍ଧିତାର ଘୋଷଣା କରାଯାଇଛି । ଯାହାଦ୍ୱାର ଭାରତରେ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ନିୟୁତ ସଂଖ୍ୟକ ଗ୍ରାହକ ସେମାନଙ୍କ ବ୍ୟାଙ୍କ ଖାତାରେ ଆ'ର୍ଜାତୀୟ ଟଙ୍କା ପ୍ରେରଣ ସୁବିଧା ପାଇପାରିବେ । ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ଗ୍ରାହକମାନେ ସଠିକ ସମୟରେ ଏୟାରଟେଲ ଥ୍ୟାଙ୍କସ ଆପ୍ର ବ୍ୟାଙ୍କିଙ୍ଗ ବିଭାଗ ଜରିଆରେ ବହୁତ ଶିଘ୍ର ୱେଷ୍ଟର୍ଣ୍ଣ ୟୁନିୟନ ମନି ଟ୍ରାନ୍ସଫରକୁ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ସହ ଯୋଡ଼ି ପାରିବେ । ଏହି ନେଣଦେଣ ଗୁଡ଼ିକ ଟଙ୍କା ଉଠାଣ ପାଇଁ ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ୫୦୦,୦୦୦ରୁ ଉର୍ଦ୍ଧ୍ୱ ଯେକୌଣସି ବ୍ୟାକିଙ୍ଗ ପଏଣ୍ଟରେ ଉପଲବ୍ଧ ହେବ । ସୀମାହୀନ ଡିଷ୍ଟ୍ରିବ୍ୟୁସନ ପହଞ୍ଚ ସହିତ ସମଗ୍ର ଦେଶର ଏୟାରଟେଲ୍ ପେମେଣ୍ଟ ବ୍ୟାଙ୍କର ନିୟୁତ ଗ୍ରାହକ ଅତି ଶୀଘ୍ର ଯୋଡ଼ି ହେବା ଏବଂ ଦେଶର ଯେକୌଣସି ସ୍ଥାନରୁ ସେମାନଙ୍କ ପ୍ରିୟଜନ ସେମାନଙ୍କ ନିକଟକୁ ପଠାଇଥିବା ଟଙ୍କାକୁ ଉଠାଇବାକୁ ସମର୍ଥ ହୋଇପାରିବେ । ଏଥି ସମ୍ପର୍କରେ ୱେଷ୍ଟର୍ଣ୍ଣ ୟୁନିୟନ ଅଧ୍ୟକ୍ଷ ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଶ୍ରୀ ହିକମେଟ ଏରସେକ କହିଛ଼ି ଯେ, 'ଆମର ଏହି ମଞ୍ଚ ଆ'ର୍ଜାତୀୟ ଜଟିଳତାକୁ ଅତିକ୍ରମ କରିଆସିଛି, ଯାହାଦ୍ୱାରା ନିୟୁତ ସଂଖ୍ୟକ ଗ୍ରାହକମାନେ ସେମାନଙ୍କ ଜମାକୁ ସଠିକ ସମୟରେ ପାଇପାରିବେ ।' ଭାରତୀ ଏଣ୍ଟରପ୍ରାଇଜେସରେ ଫାଇନାନ୍ସିଆଲ ସର୍ଭିସେଜ ଓ ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଅତିରିକ୍ତ ନିର୍ଦ୍ଦେଶକ, ଶ୍ରୀ ରାଜଶ ସୁଦ କହିଛ଼ି ଯେ, 'ଦେଶର ଟଙ୍କା ନେଣଦେଣ ବ୍ୟବସ୍ଥାର ବିକାଶ କ୍ଷେତ୍ରରେ କିପରି ଏୟାରଟେଲ ପେମେଣ୍ଟ ବ୍ୟାଙ୍କ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ଦିଗରେ ତତ୍ପର, ତାହାର ଏକ ଉଦାହରଣ ହେଉଛି ଏହି ଅଭିନବତା ।' ସେହିପରି ଏୟାରଟେଲ ପେମେଣ୍ଟ ବ୍ୟାଙ୍କର ଏମଡି ତଥା ସିଇ. ଶ୍ରୀ ଅନୁବ୍ରତ ବିଶ୍ୱାସ କହିଛ଼ି ଯେ, 'ୱେଷ୍ଟର୍ଣ୍ଣ ୟୁନିୟନ ସହିତ ହାତ ମିଳାଇ ଆମେ ବେଶ ଆନନ୍ଦିତ ଯାହାଦ୍ୱାରା ଆମର ଡିଜିଟାଲ ସମର୍ଥିତ ଆର୍ଥିକ ସେବା ସୃଙ୍ଖଳାରେ ସୀମାହୀନ ବିଶ୍ୱସ୍ତରୀୟ ଟଙ୍କା ପ୍ରେରଣ ସାମିଲ ହୋଇପାରିଛି ।'

## ସାମ୍ସଙ୍ଗ ପକ୍ଷରୁ ଭାରତରେ ନୂଆ ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ଶୁଭାରମ୍ଭ

ଭୁବନେଶ୍ବର: ଦେଶର ବିଶ୍ୱସନୀୟ ଉପଭୋକ୍ତା ଇଲେକ୍ଟ୍ରୋନିକ୍ସ ଓ ସ୍ମାର୍ଟଫୋନ୍ ବ୍ରାଣ୍ଡ ସାମ୍ସଙ୍ଗ ଇଣ୍ଡିଆ ଭାରତରେ ଏହାର ନୂଆ ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ଶୁଭାରମ୍ଭ କରିଛି । ଏହା ଏକ ଏଭଳି ସ୍ମାର୍ଟଫୋନ୍ ଯାହାକୁ ଆଜିର ଯୁବପିଢ଼ୀଙ୍କ ନୂତନ ତଥା ବିକଶିତ ଆବଶ୍ୟକତାକୁ ପୂରା କରିବା ପାଇଁ ଡିଜାଇନ୍ କରାଯାଇଛି । ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ମୁଖ୍ୟ ବିଶେଷତ୍ୱ ହେଉଛି ଏହାର ଇଂଟେଲିଜେଂଟ୍ ଏସ୍ପେନ୍ ଯାହାକି ଯୁବପିଢ଼ୀଙ୍କ ପାଇଁ କାର୍ଯ୍ୟକ୍ଷେତ୍ର ଓ ସାଧାରଣ ଜୀବନ ମଧ୍ୟରେ ବାଧାହୀନ ସ୍ଥାନା'ରଣ ପାଇଁ ଉପଯୁକ୍ତ ଉପକରଣ ଅଟେ । ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍, ପ୍ରୋଗ୍ରେଡ କ୍ୟାମରୋ, ଏକ ୩୨ ଏମ୍ପିର ଫ୍ରଂଟ୍ କ୍ୟାମେରା, ୬/୮ ଜିବି ରାମ୍ ଭାରିଆଂଟ୍ ସହିତ ୧୨୮ ଜିବି ଇଂଟରନାଲ ଷ୍ଟୋରେଜ୍ ଏବଂ ସୁପର୍-ଫାଷ୍ଟ ଚାର୍ଜିଙ୍ଗ୍ ସହ ଏକ ବିଶାଳ ୪୫୦୦ ମେଗାହର୍ଜ ବ୍ୟାଟେରୀରେ ବ୍ୟବସ୍ଥିତ ହୋଇ ଆସିଛି । ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ ଔରା ଗ୍ଲୋ, ଔରା ବ୍ଲାକ୍ ଓ ଔରା ରେଡ୍ କଲର୍ରେ ଉପଲବ୍ଧ ହେବ । ୩.୫ ଏମ୍ଏମ୍ ହେଡ୍ଫୋନ୍ ଜ୍ୟାକ୍ ଓ ଇନ୍-ବକ୍ସ ସାମ୍ସଙ୍ଗ ଇୟରଫୋନ୍ ଥିବା ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ମୂଲ୍ୟ ୬ ଜିବି ଭାରିଆଂଟ ପାଇଁ ୩୮,୯୯୯ ଟଙ୍କା ଓ ୮ ଜିବି ଭାରିଆଂଟ ପାଇଁ ୪୦,୯୯୯ ଟଙ୍କାରେ ଲାଇଟ୍ ରହିଛି । ୫୦୦୦ ଟଙ୍କା ପର୍ଯ୍ୟ' ଏକ ଆକର୍ଷଣୀୟ ଅପ୍ଗ୍ରେଡ୍ ଅଫର୍ ସହ ଉପଭୋକ୍ତା ଏହି ସ୍ମାର୍ଟଫୋନ୍କୁ ୩୩,୯୯୯ ଟଙ୍କାର ପ୍ରଭାବୀ ମୂଲ୍ୟରେ କିଣିପାରିବେ । ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ପ୍ରି-ବୁକିଙ୍ଗ୍ ଜାନୁଆରୀ ୨୧ ତାରିଖ ଅପରାହ୍ନ ୨ଟାରୁ ଆରମ୍ଭ ହେବ । ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ବିକ୍ରୟ ଆସ' । ଫେବୃଆରୀ ୩ ତାରିଖରୁ ଆରମ୍ଭ ହେବ ଏବଂ ଦେଶବ୍ୟାପୀ ପ୍ରମୁଖ ଖୁଚୁରା ଷ୍ଟୋର୍, ଅନ୍ଲାଇନ୍ ଷ୍ଟୋର୍ ଓ ସାମ୍ସଙ୍ଗ୍ ଡଟ୍ କମ୍ରେ ଉପଲବ୍ଧ ହେବ । ସାମ୍ସଙ୍ଗ ଇଣ୍ଡିଆର ମୋବାଇଲ ବିଜ୍ନେସ୍ ନିର୍ଦ୍ଦେଶକ ଆଦିତ୍ୟ ବବର୍ ଏହି ଅବସରରେ କହିଛ଼ି, 'ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍ର ଶୁଭାରମ୍ଭ ସହ ଉପଭୋକ୍ତାମାନେ ଏକ ସୁଲଭ ମୂଲ୍ୟରେ ପ୍ରିମିୟମ ଫିଚର ପାଇପାରିବେ । ପ୍ରୋଗ୍ରେଡ୍ କ୍ୟାମେରା, ସିନେମାଟିକ୍ ଡିସ୍ପ୍ଲେ, ଶକ୍ତିଶାଳୀ ପ୍ରୋସେସର୍ ଓ ଲଙ୍ଗ୍ଲାଷ୍ଟିଙ୍ଗ୍ ବ୍ୟାଟେରୀ ନୂଆ ଗ୍ୟାଲାକ୍ସି ନୋଟ୍୧୦ ଲାଇଟ୍କୁ ଯୁବପିଢ଼ିଙ୍କ ବିଭିନ୍ନ ଆବଶ୍ୟକତା ପାଇଁ ସର୍ବାଧିକ ଚାହିଦା ବିଶିଷ୍ଟ ସ୍ମାର୍ଟଫୋନ୍ରେ ପରିଣତ କରିଛି ।'

## ୪୨୪ ହିତାଧିକାରୀଙ୍କୁ ଭତ୍ତା ବଂଟନ

ଜୟପୁର: ଜୟପୁର ପୌରାଚଂଳରେ ଶନିବାର ଭତ୍ତା ବଂଟନ ମେଳା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଲୋକ ରଞ୍ଜନ ସାମନ୍ତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ରାଜ୍ୟ ବିହନ ନିଗମ ଅଧ୍ୟକ୍ଷ ଇଶ୍ୱର ପାଣିଗ୍ରାହୀ, ପୂର୍ବତନ ଉପାଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ରଥ, ବରିଷ୍ଠ କିରାଣି, ଷ୍ଟେନୋ, ପୂର୍ବତନ କାଉନସିଲର ଜସପାଲ ସିଂ, ମନୋଜ କୁମାର ବେହେରା, ନବିନ ପାତ୍ର, ବାଦଲ ସାନ୍ତାପାତ୍ର, ୟାଏସ ଖାନା, ସିମା ଳ ବିଷୋୟୀ, ଜ୍ୟୋସ୍ନାରାଣି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜୟପୁର ପୌରାଚଂଳରେ ଥିବା ଅବିବାହିତ, ବିଧବା, ଭିନ୍ନକ୍ଷମ, ବାର୍ଦ୍ଧକ୍ୟ ଭଳି ୪୨୪ ଜଣ ହିତାଧିକାରୀଙ୍କୁ ନୂତନ ଭାବେ ଭତା ବଂଟନ କରାଯାଇଥିଲା ।

## ବି.ଆର ଲାଇଫ କଳିଙ୍ଗ ହସ୍ପିଟାଲରେ ଧମନୀରେ ବିରଳ ସ୍ୟୁଡୋଆନ୍ୟୁରିଜିମ୍ ଅସ୍ତ୍ରୋପଚାର



ଭୁବନେଶ୍ବର: ୪୬ ବର୍ଷୀୟା ମୁଲତାଙ୍କୁ ଲଗାତାର ତିନି ମାସ ପର୍ଯ୍ୟନ୍ତ ବେକର ଡାହାଣ ପାର୍ଶ୍ୱରେ ହେଉଥିବା ଅତ୍ୟଧିକ ଯନ୍ତ୍ରଣା କାରଣରୁ ଚିକିତ୍ସା ପାଇଁ ବିଆର୍ ଲାଇଫ୍ କଳିଙ୍ଗ ହସ୍ପିଟାଲକୁ ଅଣାଯାଇଥିଲା । ଡାକ୍ତରଙ୍କ ସହ ପରାମର୍ଶ ପରେ ତାଙ୍କର ଏକ ସିଟି ଆଁଓଗ୍ରାମ କରାଯାଇଥିଲା ଯେଉଁଥିରେ ତାଙ୍କର ଓସିପିଟାଲ ଧମନୀରେ ଏକ ବିରଳ ସ୍ୟୁଡୋଆନ୍ୟୁରିଜିମ୍ ବଢୁଥିବା ଦେଖାଯାଇଥିଲା । ଏକ ସ୍ୟୁଡୋଆନ୍ୟୁରିଜିମ୍ ହେଉଛି ରକ୍ତର ଏକ ସଂଗ୍ରହ ଯାହାକି ଏକ ଧମନୀର ଦୁଇଟି ବାହ୍ୟ ଆବରଣ ମଧ୍ୟରେ ସୃଷ୍ଟି ହୋଇଥାଏ । ଓସିପିଟାଲ ଧମନୀ ସ୍ୟୁଡୋଆନ୍ୟୁରିଜିମ୍ ଗୁଡିକ ହେଉଛନ୍ତି ଅତ୍ୟନ୍ତ ବିରଳ ଏବଂ ଏହା ଦନ୍ଥରା କିମ୍ବା ଶକ୍ତ ମାନସିକ ଆଘାତ କିମ୍ବା ଆଇଟ୍ରୋଜେନିକ୍ ଆଘାତ କାରଣରୁ ହୋଇଥାଏ । ଭୁବନେଶ୍ବରରେ ପ୍ରଥମ ଥର ପାଇଁ ଏଭଳି ଏକ ବିରଳ ଅସ୍ତ୍ରୋପଚାରକୁ ବିଆର୍ ଲାଇଫ୍ କଳିଙ୍ଗ ସୁପର ସ୍ପେଶାଲିଟି ହସ୍ପିଟାଲର ସିଟିଭିଏସ୍ ନିର୍ଦ୍ଦେଶକ, ଡଃ କରୁଣାକର ପାଢୀଙ୍କ ତତ୍ତ୍ୱାବଧାନରେ ସଫଳତାର ସହ କରାଯାଇଛି । ସ୍ୟୁଡୋଆନ୍ୟୁରିଜିମ୍ର ଆକାର ୧୦ ଘ ୧୪ ସେମି ଥିଲା । ଏହି ଫୁଲା ଏକ ପିଣ୍ଡୁଳା ଭଳି ବାହାରକୁ ବଢୁଥିଲା ଓ ଖପୁରୀ ହାଡକୁ ଧୀରେ ଧୀରେ ନଷ୍ଟ କରୁଥିଲା । ରକ୍ତ ବାହିକାରେ ଆଘାତ ଲାଗିଥିବାରୁ ରୋଗୀ ଜଣଙ୍କର ଅତ୍ୟଧିକ ରକ୍ତସ୍ରାବ ହୋଇଯାଇଥିଲା, ଯାହାଫଳରେ ରକ୍ତ ଗୋଟିଏ ସ୍ଥାନରେ ଠୂଳ ହୋଇ ଏକ ଟ୍ୟୁମରର ଆକାର ଧାରଣ କରିଥିଲା ଯାହାକୁ ଅସ୍ତ୍ରୋପଚାର ମାଧ୍ୟମରେ ବାହାର କରିବାର ଆବଶ୍ୟକତା ଥିଲା । ଏହି ଚିକିତ୍ସା ସମ୍ପର୍କରେ ମତ ରଖି ଡଃ କରୁଣାକର ପାଢୀ କହିଛନ୍ତିଯେ, ' ଚିକିତ୍ସା ସମୟରେ ମୁଲତାଙ୍କ ଓସିପିଟାଲ ଧମନୀରେ ଏକ ସ୍ୟୁଡୋଆନ୍ୟୁରିଜିମ୍ ବଢୁଥିବା ଜଣାପଡିଥିଲା । ଉକ୍ତ ଟ୍ୟୁମର୍କୁ କାଟିଦିଆଯାଇଥିଲା ଯାହା ବେକ ଆଡକୁ ବଢୁଥିଲା । ବାହ୍ୟ ଧମନୀ ଚାପି ହୋଇରହିଥିଲା ଏବଂ ସ୍ୟୁଡୋଆନ୍ୟୁରିଜିମ୍ ଖୋଲି ଯାଇଥିଲା । ପରେ ବ୍ଲଡ୍ କ୍ଲଟ ଗୁଡିକୁ ସଫା କରାଯିବା ସହ ବାହାର ଅଂଶରେ ଥିବା ଗ୍ରନ୍ଥିକୁ ହଟାଯାଇ ସିଲେଇ କରାଯାଇଥିଲା । ଏହି ଅସ୍ତ୍ରୋପଚାର ୩ ଘଂଟା ପର୍ଯ୍ୟ' ଚାଲିଥିଲା । ରୋଗୀ ଜଣଙ୍କ ଏବେ ସୁସ୍ଥ ହେଉଥିବା ବେଳେ ଖୁବ୍ଶୀଘ୍ର ସାଧାରଣ ଜୀବନ ବିତାଇବାକୁ ସକ୍ଷମ ହେବେ ।' ଓସିପିଟାଲ ଧମନୀ ସ୍ୟୁଡୋଆନ୍ୟୁରିଜିମ୍ ଅତ୍ୟ' ବିରଳ ହୋଇଥିବା ପ୍ରତ୍ୟେକ ଚିକିତ୍ସା କ୍ଷମତାର ସାବଧାନତାର ସହ ମୂଲ୍ୟାଙ୍କନ କରାଯିବା ଉଚିତ ଥିଲା । ଏଥିରେ ଅତ୍ୟଧିକ ରକ୍ତସ୍ରାବ ବା ହାମରେଜ୍ର ବଡ ରିସ୍କ ରହିଥିଲା, ତେଣୁ ରୋଗୀଙ୍କ ଅସ୍ତ୍ରୋପଚାର ସମୟରେ ଅତ୍ୟଧିକ ସାବଧାନ ରହିବା ଜରୁରୀ ଥିଲା । ଡାକ୍ତର ମାନଙ୍କୁ ତଥା ହସ୍ପିଟାଲକୁ ନିଜ ଜୀବନ ବଂଚାଇଥିବା କାରଣରୁ ଧନ୍ୟବାଦ ଜଣାଇ ମୁଲତା କହିଛନ୍ତିଯେ, 'ମୋ ବେକରେ ଥିବା ବଡ ରକ୍ତ ପିଣ୍ଡୁଳା କାରଣରୁ ମୋତେ ଏହାକୁ ସମସ୍ତଙ୍କଠାରୁ ଲୁଚାଇ ରଖିବାକୁ ପଡୁଥିଲା । ଏହି ପିଣ୍ଡୁଳା ଦ୍ରୁତଗତିରେ ବଢିଚାଲିଥିଲା ଏବଂ ଯନ୍ତ୍ରଣା ମଧ୍ୟ ବଢୁଥିଲା । ବେଳେ ବେଳେ ଯନ୍ତ୍ରଣା ଅସହ୍ୟ ହୋଇପଡୁଥିଲା । ତେବେ ଠିକ୍ ସମୟରେ ହସ୍ପିଟାଲକୁ ଆସି ବିଳମ୍ବ ହେବା ପୂର୍ବରୁ ନିଜର ଚିକିତ୍ସା କରାଇଥିବାରୁ ମୁଁ ନିଜକୁ ଭାଗ୍ୟଶାଳୀ ମନେ କରୁଛି । ମୁଁ ଡାକ୍ତର ଓ ଅନ୍ୟ ସଦସ୍ୟମାନଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ମୋର ହସ୍ପିଟାଲ ରହଣୀ ସମୟରେ ଉପଯୁକ୍ତ ଯତ୍ନ ନେଇଛନ୍ତି ଓ ମୋତେ ସହଯୋଗ କରିଛନ୍ତି ।'

## ନିଶାଜନିତ କ୍ଷତିର ପରିମାଣ ଓଡ଼ିଶାର ବାର୍ଷିକ ବଜେଟ୍ଠାରୁ ଅଧିକ: ମଦମୁକ୍ତି ଅଭିଯାନ

ଭୁବନେଶ୍ବର : ଓଡ଼ିଶା ସରକାରଙ୍କ ବାର୍ଷିକ ବଜେଟ୍ ପରିମାଣ ଯେତେ ମଦ ଓ ଅନ୍ୟାନ୍ୟ ନିଶାଜନିତ କ୍ଷତିର ପରିମାଣ ତାହାଠାରୁ ଢେର୍ ଅଧିକ । ଏ ପରିପ୍ରେକ୍ଷୀରେ ଆଗାମୀ ବଜେଟ୍ରେ ଜନସାଧାରଣଙ୍କର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ କଡ଼ା ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଏହି ମର୍ମରେ ଓଡ଼ିଶା ମଦମୁକ୍ତି ଅଭିଯାନର ଅନ୍ୟତମ ଉପଦେଷ୍ଟା ତଥା ଗାନ୍ଧୀବାଦୀ ଚିନ୍ତକ ପ୍ରହଲାଦ କୁମାର ସିଂହ ରାଜ୍ୟ ସରକାରଙ୍କୁ ନିର୍ଦ୍ଦିଷ୍ଟ ସକରାତ୍ମକ ପ୍ରସ୍ତାବ ଦେଇଛନ୍ତି । ଅର୍ଥ ବିଭାଗ ବଜେଟ୍ ପାଇଁ ଜନସାଧାରଣଙ୍କ ମତାମତ ଲୋଡ଼ିଥିବା ପରିପ୍ରେକ୍ଷୀରେ ସେ ଏ ସଂକ୍ରାନ୍ତରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ପତ୍ର ଲେଖିବା ସହ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର ଓ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବମାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ୨୦୦୦-୦୧ ବର୍ଷରେ ଓଡ଼ିଶାର ଅବକାରୀ ରାଜସ୍ୱ ପରିମାଣ ୧୩୫ କୋଟି ୩୫ ଲକ୍ଷ ଟଙ୍କା ଥିବା ବେଳେ ଏହା ବଢ଼ି ବଢ଼ି ୨୦୧୮-୧୯ ବର୍ଷରେ ୩,୯୨୫ କୋଟି ୪୧ ଲକ୍ଷ ଟଙ୍କାରେ ପହଞ୍ଚିଥିଲା ଓ ଚଳିତବର୍ଷ ରାଜ୍ୟ ସରକାର ୪୬୦୦ କୋଟି ଟଙ୍କାର ଅବକାରୀ ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଗତ ୩୦ ବର୍ଷ ମଧ୍ୟରେ ଓଡ଼ିଶାରେ ମଦ ଓ ଅନ୍ୟାନ୍ୟ ନିଶାର ଲଗାମଛଡ଼ା ପ୍ରସାର ଘଟିଛି । ଏଥିଲାଗି ରାଜ୍ୟ ଯୁବ ନୀତିରେ ସରକାର ଉଦ୍‌ବେଗ ପ୍ରକାଶ କରିବା ସଙ୍ଗେ ସଙ୍ଗେ ୨୦୧୩ରୁ ନିଶାମୁକ୍ତ ଗ୍ରାମ କଥା କହି ଆସୁଥିବା ବେଳେ ବାସ୍ତବରେ କିନ୍ତୁ ଅଧିକରୁ ଅଧିକ ଲୋକଙ୍କୁ ନିଶାଗ୍ରସ୍ତ କରାଯାଉଛି । ଗତ ୧୦ ବର୍ଷରେ ଓଡ଼ିଶାରେ ୩୦ହଜାର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ୬୦ହଜାରରୁ ଅଧିକ ପଙ୍ଗୁ ହୋଇଛନ୍ତି । ଏହି ଦୁର୍ଘଟଣାର ଅନ୍ୟୁନ ୬୦ ପ୍ରତିଶତ ନିଶାଜନିତ ହୋଇଥିବା ପରିପ୍ରେକ୍ଷୀରେ ଏହି ବର୍ଷଗୁଡ଼ିକରେ ନିଶାଜନିତ ଦୁର୍ଘଟଣା ଯୋଗୁ ୨୪ ହଜାର ଲୋକ ରାଜ୍ୟରେ ମରିଛନ୍ତି । ମଦ ଓ ଅନ୍ୟାନ୍ୟ ନିଶା ଯୋଗୁ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଥିବା ବେଳେ ବିଭିନ୍ନ କିସମର ଅପରାଧ ବଢୁଛି । ବିଶେଷ କରି ମହିଳା ଓ ଶିଶୁମାନେ ମଦୁଆଙ୍କ ଶିକାର ହେଉଛନ୍ତି । ରାଜ୍ୟର ସାମାଜିକ, ଆର୍ଥିକ, ନୈତିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ରାଜନୈତିକ ଓ ପ୍ରଶାସନିକ ବ୍ୟବସ୍ଥା ଏଥିଯୋଗୁ ବିଗୁଡୁଛି । ଦାରିଦ୍ର୍ୟ ଦୂରୀକରଣ ଓ ସାମାଜିକ ନିରାପତ୍ତା ଯୋଜନାରେ ଯେତେ ଅର୍ଥ ବ୍ୟୟ ହେଉଛି ନିଶା ଯୋଗୁ ସେଥିରୁ ସେତେ ଭଲ ଫଳ ମିଳୁନାହିଁ । ଶିକ୍ଷା ବ୍ୟବସ୍ଥା ବିଗିଡ଼ିବା ସହ ରୋଗବ୍ୟାଧି ବଢ଼ିବା ଏବଂ ଦୁର୍ନୀତି ଓ ଭ୍ରଷ୍ଟାଚାର ବ୍ୟାପିବା ପଛରେ ବି ନିଶାର ଭୂମିକା ରହିଛି । ଏହାମଧ୍ୟ ଉତ୍ପାଦନ ଉପରେ କୁପ୍ରଭାବ ପକାଉଛି । ମୋଟାମୋଟି ଭାବେ ରାଜ୍ୟର ବାର୍ଷିକ ବଜେଟ୍ ପ୍ରାୟ ଦେଢ଼ଲକ୍ଷ କୋଟି ଟଙ୍କା ଥିବା ବେଳେ ବ୍ୟକ୍ତି, ପରିବାର, ସମାଜ ଓ ସରକାର ବାର୍ଷିକ ୨ଲକ୍ଷ କୋଟି ଟଙ୍କାରୁ ଅଧିକ ନିଶାଜନିତ କ୍ଷତି ସହୁଛନ୍ତି । ଏହା ଅନଗ୍ରସରତାର ଅନ୍ୟତମ କାରଣ । ଓଡ଼ିଶା ସରକାରଙ୍କ ବାର୍ଷିକ ଅବକାରୀ ରାଜସ୍ୱ ପ୍ରାୟ ୪ ହଜାର କୋଟି ଟଙ୍କା ହୋଇଥିବା ବେଳେ ନିଶା ନିବାରଣ କରି କିଭଳି ବ୍ୟାପକ କର୍ମନିଯୁକ୍ତି, ଉତ୍ପାଦନ ବୃଦ୍ଧି ସହ ଲକ୍ଷାଧିକ କୋଟି ଟଙ୍କାର ଲାଭ ମିଳିପାରିବ ସେ ପ୍ରସଙ୍ଗରେ ମଧ୍ୟ ଏହି ପ୍ରସ୍ତାବରେ ଉଲ୍ଲେଖ କରାଯାଇଛି । ବେଆଇନ ଖଣି କାରବାର ବ୍ୟାପାରରେ ରାଜ୍ୟ ସରକାର ଜାରି କରିଥିବା ୬୯ ହଜାର କୋଟି ଟଙ୍କାର ଜରିମାନା ଆଦାୟ ସଙ୍ଗେ ସଙ୍ଗେ ସମସ୍ତଖଣିଜ କାରବାର ସରକାରୀ ସଂସ୍ଥା ଦ୍ୱାରା କରାଇଲେ ରାଜକୋଷକୁ ବାର୍ଷିକ ୪୦ ହଜାର କୋଟି ଟଙ୍କାରୁ ଅଧିକ ମୁନାଫା ମିଳିବ ।

## ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ସାମ୍ବାଦିକ ସମ୍ମିଳନୀ

ଭୁବନେଶ୍ବର : ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ଦୀକ୍ଷାନ୍ତ ସମାରୋହ ନିମନ୍ତେ ସ୍ଥାନିୟ ହୋଟେଲ ପୁଷ୍ପକରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଅଛି । ୧୯୫୬ ମସିହାରୁ ପ୍ରତିଷ୍ଠିତ ଏହି କେନ୍ଦ୍ରର ଶଚିବ ଶ୍ରୀଯୁକ୍ତ ସଜଳ କୋଶର, ରେଜିଷ୍ଟାର ଡ଼. ଶୋଭା କୋଶର, ଆଂଚଳିକ କାର୍ଯ୍ୟାଳୟ ଭୁବନେଶ୍ବରର ସଂଯୋଜକ ଡ଼. ବସନ୍ତ କୁମାର ମିଶ୍ର, ଉତର ପୂର୍ବାଂଚଳ କର୍ଯ୍ୟାଳୟ କୋଲକତାର ସହାୟକ ରେଜିଷ୍ଟ୍ରାର ଆନନ୍ଦ ରଞ୍ଜନ ବୋରୁଆ, ଏହାର ସୁପରିଟେଣ୍ଡିଙ୍ଗ ଏକାଉଟଂାଟ୍ ବ୍ୟୋମକେଶ ଜେନା ପ୍ରମୁଖ ଏହି ସମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ଆସନ୍ତା ୧୨ ତାରିଖରେ ଭଞ୍ଜକଳାମଣ୍ଡପରେ ହେବାକୁଥିବା ଦୀକ୍ଷାନ୍ତ ସମାରୋହ ନିମନ୍ତେ ସମସ୍ତ କାଯ୍ୟକ୍ରମର ସୂଚନା ଦେଇଥିଲେ । ଏହି ଦିକ୍ଷାନ୍ତ ସମାରୋହରେ ମୂଖ୍ୟ ଅତିଥି ଭାବେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ଅସିତ ତ୍ରୀପାଠୀ ଏବଂ ଖ୍ୟାତନାମା ସ୍ଥପତି ତଥା ରାଜ୍ୟସଭା ସାଂସଦ ପଦ୍ମବିଭୁଷଣ ଶିଳ୍ପିଗୁରୁ ରଘୁନାଥ ମହାପାତ୍ର ସମ୍ମାନୀତ ଅତିଥିଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ସମାରୋହରେ ପ୍ରସିଦ୍ଧ କବି ରକ୍ଷକ ନାୟକ, କିମ୍ବଦନ୍ତି ସଂଗୀତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫୁଲ କର, ପ୍ରସିଦ୍ଧ ତବଲା ବାଦକ ପଣ୍ଡିତ ଉମେଶ ଚନ୍ଦ୍ର କର, ଖ୍ୟାତନାମା ଲେଖକ ତଥା ସାମ୍ବାଦିକ ହିମାଂଶୁ ଖଟୁଆ ପ୍ରମୂଖଙ୍କୁ ସମ୍ବର୍ଦ୍ଧିତ କରାଯିବା ନିମନ୍ତେ ସୂଚନା ଦିଆଯାଇଅଛି । ଚଣ୍ଡିଗଡ଼ ପ୍ରାଚୀନ କଳାକେନ୍ଦ୍ରର ଓଡ଼ିଶାରେ ଥିବା ମୋଟ ୨୮୦ଟି ସିକୃତି ପ୍ରାପ୍ତ କେନ୍ଦ୍ରରୁ ବିଶାରଦ ବା ସ୍ନାତକ ଏବଂ ଭାସ୍କର ବା ସ୍ନାତକୋତରରେ ପ୍ରାୟ ୬୦୦ ଜଣ ଛାତ୍ର ଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯିବ । ସମସ୍ତ ବିଷୟରେ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା ଛାତ୍ରଛାତ୍ରୀଙ୍କୁ ସ୍ୱତ୍ନ୍ତ୍ରଭାବେ ସମ୍ବର୍ଦ୍ଧିତ ମଧ୍ୟ କରାଯିବ । ସର୍ବଶ୍ରେଷ୍ଠ ଉତ୍କୃଷ୍ଟ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ଓ ଗାୟନର ବ୍ୟବସ୍ଥା ରହିଛି । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥିଭାବେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ବିଜୟ କୁମାର ନାୟକ ଏବଂ ମୂଖ୍ୟବକ୍ତା ଭାବେ ପ୍ରଫେସର ଡ. ପ୍ରଶନ୍ନ କୁମାର ପାଟ୍ଟଶାଣୀ ଉପସ୍ଥିତ ରହି ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ମାନଙ୍କୁ ଉତ୍ସାହିତ କରିବେ । ନିକଟ ଅତିତରେ ପ୍ରାଚୀନ କଳାକେନ୍ଦ୍ର ଦ୍ୱାରା ଅନୁଷ୍ଠିତ ସଂଗୀତ, ଗାୟନ, ବାଦନ, ନୃତ୍ୟ, ଚିତ୍ରାଙ୍କନ ଆଦିର ଅନ୍ତର ଆଂଚଳିକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ ଏବଂ ଶ୍ରେଷ୍ଠସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କୃତ ମଧ୍ୟ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଅଛି ।

## ସି.ଏ.ଏ. କୁ ନେଇ ଯାଜପୁରରେ ବିଜେପିରେ ବିଶାଳ ମେଳି ଓ ନୂତନ ରାଜ୍ୟସଭାପତିଙ୍କୁ ସମ୍ବର୍ଦ୍ଧନା



ଯାଜପୁର: ସି.ଏ.ଏ. ସମର୍ଥନରେ ଯାଜପୁର ସଦର ମହକୁମା ଠାରେ ବିଜେପିର ବିଶାଳ ଜନଜାଗରଣ ଶୋଭାଯାତ୍ରା ଜିଲ୍ଲା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଜ୍ୟ ବିଜେପି ସଭାପତି ସମିର ମହାନ୍ତି, ବିଜେପି ମୁଖ ପାତ୍ର ଲେଖାଶ୍ରୀ ସାମନ୍ତ ସିଂହାର ପ୍ରମୁଖ ଯୋଗଦେବା ସହିତ ଉଦ୍‌ବୋଧନରେ କହିଥିଲେ । ସି.ଏ.ଏ. ଦେଶର କୌଣସି ସଂଖ୍ୟା ଲଘୁ ନାଗରୀକତ୍ୱରୁ ବଞ୍ଚିତ କରିବା ପାଇଁ ନୁହେଁ । ବରଂ ବିଦେଶରୁ ନିର୍ଯ୍ୟାତନାର ଶିକାର ହୋଇ ଦେଶରେ ଶରଣାର୍ଥି ଭାବରେ ବଶବାଶ କରୁଥିବା ବ୍ୟକ୍ତି ନାଗରୀକତ୍ୱ ପ୍ରଦାନ କ୍ଷେତ୍ରରେ ସହାୟକ ହେବ ବୋଲି କହିଥିଲେ । ଏଥିରେ ବିଜେପିର ବହୁ ନେତା ତଥା ଅମିକାନ୍ତ ମଲ୍ଲିକ, ବବିତା ମଲ୍ଲିକ୍ ପ୍ରମୁଖ ଯୋଗାଦେଇଥିଲେ । ବହୁ ନେତା କର୍ମୀ ସଭା ଓ ସୋଭାଯାତ୍ରାରେ ଯୋଗଦେଇଥିଲେ ।

## ଟାଟା ଷ୍ଟିଲ୍ ଭୁବନେଶ୍ବର ସାହିତ୍ୟ ଉତ୍ସବର ଦ୍ୱିତୀୟ ଦିବସରେସଂସ୍କୃତି ବିଶାରଦଙ୍କ ସହ ମନୋରମ ଅଧିବେଶନ

ଭୁବନେଶ୍ବର: ଟାଟା ଷ୍ଟିଲ୍ ଭୁବନେଶ୍ବର ସାହିତ୍ୟ ସମ୍ମେଳନ (ଟିଏସବିଏଲ ଏମ)ର ଦ୍ୱିତୀୟ ଦିବସରେ ଅତୁଲ୍ୟ ପ୍ରଦର୍ଶନ ଓ ସମୃଦ୍ଧ ଆଲୋଚନା ହୋଇଛି । ଏକ ଶତାବ୍ଦୀର ଚତୁର୍ଥାଂଶ ସମୟ ପରେ ମଂଚକୁ ପ୍ରତ୍ୟାବର୍ତନ କରି ବିଶିଷ୍ଟ ଅଭିନେତା ଅମୋଲ ପାଲେକର ନିଜର ନାଟକ କୁସୁର ଜରିଆରେ ଦର୍ଶକରେ ଭରପୁର ମଂଚକୁ ବିମୋହିତ କରିଛ଼ି । ଡେନମାର୍କର ଅପରାଧ ରୋମାଂଚ କାହାଣୀ 'ଡେନ ସ୍କାଏଲଡଜ'ରୁ ଅନୁପ୍ରାଣିତ ହୋଇ ପ୍ରସ୍ତୁତ କରାଯାଇଥିବା ଏହି ହିନ୍ଦୀ ନାଟକକୁ ଶହ ଶହ ଦର୍ଶକ ଅତି ସୁନ୍ଦର ଭାବେ ଗ୍ରହଣ କରିଥିଲେ । ବିଭିନ୍ନ ପ୍ରସଙ୍ଗରେ ଆୟୋଜନ କରାଯାଇଥିବା ଅନେକ ଅଧିବେଶନ ସହିତ ପାଲେକରଙ୍କ ପ୍ରଦର୍ଶନ ସହିତ ଦିବସର କାର୍ଯ୍ୟକ୍ରମ ଶେଷ ହୋଇଛି । ବିଶିଷ୍ଟ ଲେଖକ ପେରୁଲମ ମୁରୁଗନ ମଧ୍ୟ ନିଜ ପୁସ୍ତକ ଆମ୍ମା ବିଷୟରେ ଆଲୋଚନା କରିଥିଲେ ଯାହା ହେଉଛି ତାଙ୍କ ମା'ଙ୍କ ଜୀବନକୁ ନେଇ ପ୍ରସ୍ତୁତ ଏକ ପ୍ରବନ୍ଧକ ସଙ୍କଳନ । ଅତି ସୁନ୍ଦର ଭାବେ ଲେଖାଯାଇଥିବା ଏହି ପ୍ରବନ୍ଧକୁ ଇଂରାଜି ଭାଷାରେ ଅନୁବାଦ କରାଯାଇଛି ଯେଉଁଥିରେ ଜଣେ ଦୃଢ଼ ଏବଂ ସ୍ୱାଧୀନ ମହିଳାଙ୍କ ଜୀବନର ମୁହୂର୍ତଗୁଡ଼ିକୁ ବର୍ଣ୍ଣନା କରାଯାଇଛି । ମୁରୁଗନଙ୍କ ଅଧିବେଶନରେ ଅନେକ ଯୁବ ସାହିତ୍ୟ ପ୍ରେମୀଙ୍କ ସମାଗମ ହୋଇଥିଲା ଯେଉଁଥିରେ ଭାଷା ପ୍ରତି ରହିଥିବା ତାଙ୍କର ଗଭୀର ଅଭିଳାଷ ଏବଂ ତାହା କିଭଳି ଏଭଳି ସ୍ମରଣିକାକୁ ପ୍ରସ୍ତୁତ କରିବାରେ ସହହାୟତା ହୋଇଥିବା ତାହାକୁ ସେ ଜୀବ' ଭାବେ ଉପସ୍ଥାପନ କରିଥିଲେ । କିମ୍ବଦ'ୀ ବଇଂଶି ବାଦକ ପଣ୍ଡିତ ହରି ପ୍ରସାଦ ଚୌରସିଆ ନିଜର ସ୍ମରଣିକା ବ୍ରେଥ୍ ଅଫ୍ ଗୋଲ୍ଡ ଉପରେ ଆଲୋଚନା ବେଳେ ଦର୍ଶକଙ୍କୁ ବିମୋହିତ କରିଥିଲେ । ନିଜର ଜୀବନ କାହାଣୀ ଲେଖକ ସତ୍ୟ ସରଣଙ୍କ ସହିତ ମିଶି ଶ୍ରୀଯୁକ୍ତ ଚୌରସିଆ ନିଜର ସଂଘର୍ଷମୟ ସମୟର ଅ'ରଙ୍ଗ ମୁହୂର୍ତଗୁଡ଼ିକୁ ବର୍ଣ୍ଣନା କରିଥିଲେ ଯାହା ତାଙ୍କ ସମୃଦ୍ଧ ଜୀବନର ଏକ ବିରଳ ଝଲକ ପ୍ରଦାନ କରିଛି । ସ୍ପୋକନ୍ ୱାର୍ଡ ପ୍ରଦର୍ଶନକାରୀ ପ୍ରିୟା ମଲ୍ଲିକ ବ୍ରିଟିଶ ଲେଖ-କବୀ ରୋସି ଗାରଲାଣ୍ଡଙ୍କ ସହ ମଂଚରେ ଉପସ୍ଥିତ ରହି ଜଣେ ପ୍ରଦର୍ଶନକାରୀ ଭାବେ ଲେଖକଙ୍କ ଭୂମିକାକୁ ବର୍ଣ୍ଣନା କରିଥିଲେ । ତାଙ୍କ ଆଲୋଚନାକୁ ଉତମ ଢ଼ଙ୍ଗରେ ପାଠନ ଏବଂ ଦୋହରାଇବା ସହିତ ଗ୍ରହଣୀୟ ହୋଇଥିଲା ।

## ୱାଇଏମସିଏ ପରିସରରେ ଶାନ୍ତି ଓ ସଦ୍‌ଭାବନା ଦିବସ ପାଳିତ




ଭୁବନେଶ୍ବର : ୱାଇଏମସିଏ ପରିସରରେ ଶାନ୍ତି ଓ ସଦ୍‌ଭାବନା ଦିବସ ପାଳିତ ହୋଇଯାଇଛି । ୱାଇଏମସିଏ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମାଷ୍ଟର ପିସ୍ ଇଣ୍ଡିଆ ଏବଂ ଜୀବନ ରେଖା ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ । ସମାଜରେ କିଭଳି ଶାନ୍ତି, ସଦ୍‌ଭାବନା, ସଂହତି ଓ ଐକ୍ୟ ବଜାୟ ରହିପାରିବ ସେ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ୱାଇଏମସିଏର ସାଧାରଣ ସମ୍ପାଦକ ସୁଧାଂଶୁ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡକ୍ଟର ମନୋରଞ୍ଜନ ମିଶ୍ର, ମିଷ୍ଟର ଆଣ୍ଟୋନି ମାଥ୍ୟୁ ଅତିଥି ଭାବେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ । ସମାଜରେ ଦଳିତ ଅବହେଳିତ ଓ ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ଯୁବାମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ସହ କିଭଳି ପରସ୍ପର ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ବଜାୟ ରହିପାରିବ ସେ ସମ୍ପର୍କରେ ୱାଇଏମସିଏର ସାଧାରଣ ସମ୍ପାଦକ ସୁଧାଂଶୁ ନାୟକ ବକ୍ତବ୍ୟରେ ମତ ରଖିଥିଲେ । ପ୍ରାୟ ୧୦୦ରୁ ଅଧିକ ସ୍ୱେଚ୍ଛାସେବୀ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବାରେ ସହଯୋଗ କରିଥିଲେ । ଗଣତାନ୍ତ୍ରିକ ପଦ୍ଧତିରେ କିଭଳି ସମସ୍ତେ ସାମାଜିକ ନ୍ୟାୟ ଏବଂ ସମାଜରେ ଅବହେଳିତ ଓ ସଂଖ୍ୟାଲଘୁଙ୍କୁ ବିଦ୍ୱେଶ ଭାବରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ମୋଟାମୋଟି ଭାବେ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀମାନେ ଚାରିଆଡ଼େ ପ୍ରଚାର ଓ ପ୍ରସାର କରିବା ପାଇଁ ଶପଥ ନେବା ସହ ଗୋଟିଏ ସୂତ୍ରରେ ଆବଦ୍ଧ ରହିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray